**ପିଚୁ କାମ ନ ସରୁଣୁ ୧୦ଟି ସ୍ଥାନରେ ପ୍ୟାଚ୍**

# ଠିକା ସଂସ୍ଥା ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ

ଅନୁଗୋଳ,୨।୬(ସମିସ):

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ ଥାନା ସାନହୁଲା ଭାୟା ମିଣ୍ଡୋଳ ଦେଇ ପାଇକସାହି ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗ ରାସ୍ତା ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ମିଣ୍ଡୋଳର ଯୁବ ଗୋଷ୍ଠୀ ମଙ୍ଗଳବାର ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଠିକା ସଂସ୍ଥା ବିରୋଧରେ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ପୂର୍ତ୍ତ ବିଭାଗ ସଚିବ, ପୂର୍ତ୍ତ ବିଭାଗ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ ସେମାନଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହି ୧୧ କିମି ରାସ୍ତାକୁ ସମ୍ପ୍ରସାରଣ କରାଯାଇ ନୂତନ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା ପୂର୍ବରୁ ୩.୭୦୦ ମିଟର ଚଉଡ଼ା ଥିବାବେଳେ ଏହାକୁ ବଢ଼ାଇ ୫.୫୦୦ ମିଟର ଚଉଡ଼ା ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ୧୬ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହେଉଥିବା ବେଳେ ମାର୍ଚ୍ଚ ୨୦୨୪ରୁ କାମ ଆରମ୍ଭ ହୋଇଛି। ଏହି କାମ ଓଡ଼ିଶା ବାହାର ଅଞ୍ଚଳର ଏକ ଅଣଓଡ଼ିଆ ଠିକାସଂସ୍ଥା କାର୍ଯ୍ୟ କରୁଥିବା ବେଳେ ଅତି ନିମ୍ନମାନର କାର୍ଯ୍ୟ କରୁଛି। ଏହି ରାସ୍ତାର ଚଉଡ଼ା ୫.୫୦୦



ହେବାକୁ ଥିବାବେଳେ ଠିକା ସଂସ୍ଥା ଅନେକ ସ୍ଥାନରେ ୫ ମିଟର କରୁଥିବା ଅଭିଯୋଗ ହୋଇଛି। ବିଶେଷ କରି ଏହି ରାସ୍ତାରେ ଅନେକ ଗଛ ବିଦ୍ୟୁତ୍ ଖୁଣ୍ଟ ପଡୁଥିବାବେଳେ ସେଗୁଡ଼ିକ ଠିକାସଂସ୍ଥା ପକ୍ଷରୁ ସ୍ଥାନାନ୍ତର ନ କରି ରାସ୍ତା ନିର୍ମାଣ କରୁଛନ୍ତି। ବିଶେଷକରି ରାସ୍ତାର ଦୁଇ ପାଖରେ ବର୍ତ୍ତମାନ ମେଟାଲ ପକାଇ ସମତଳ କରା ପିଚୁ କାମ କରାଯାଉଥିବା ବେଳେ ସଠିକ ପରିମାଣର ମେଟାଲ ନ ଦେଇ କ୍ରସର ଗୁଣ୍ଡ ମିଶାଇ କରାଯାଉଛି। ଏପରିକି କିଛି ଅଂଶ ପିଚୁ କରାଯାଇଥିବା ବେଳେ ପିଚୁ କାମ ଦୁଇ ମାସ ନ ହେଉଣୁ ଉଠିବାକୁ ଲାଗିଲାଣି। ସାନହୁଲା ଠାରୁ ମିଣ୍ଡୋଳ ୭ କିମି ମଧ୍ୟରେ ୧୦ଟି ସ୍ଥାନରେ ରାସ୍ତା ଦବିବା ସହ ପିଚୁ ଉଠିଗଲାଣି। ନିମ୍ନମାନର ରାସ୍ତାକୁ ଘଣ୍ଟ ଘୋଡ଼ାଇବା ପାଇଁ ତରବରିଆ ଭାବରେ ବିଳମ୍ବିତ ରାତିରେ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥା ପକ୍ଷରୁ ପ୍ୟାଚ ପକାଯାଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା କାମ କରାଯାଉଥିବାବେଳେ ବିଭାଗୀୟ ଯନ୍ତ୍ରୀ ରହୁନଥିବାରୁ ଠିକା ସଂସ୍ଥା ତରବରିଆ ଭାବରେ କାମ କରୁଥିବା ଅଭିଯୋଗ ହୋଇଛି। ଅଣଓଡ଼ିଆ ଠିକା ସଂସ୍ଥା ଏହି କାମ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ଏହି ରାସ୍ତା ନିମ୍ନମାନର କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ରାସ୍ତାରେ ବାଧକ ସାଜୁଥିବା ଗଛ ସହ ବିଦ୍ୟୁତ ଖୁଣ୍ଟକୁ ସ୍ଥାନାନ୍ତର କରି ରାସ୍ତା କାମ ନିର୍ମାଣ କରିବା ପାଇଁ ଠିକାସଂସ୍ଥାକୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଉକ୍ତ ରାସ୍ତା କାମ ଯାଞ୍ଚ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହି ରାସ୍ତା ନିମ୍ନମାନର କାର୍ଯ୍ୟ ହେଉଥିବା ପୂର୍ବରୁ ବଡ଼ବର ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାବେଳେ ଏବେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଫେରାଦ ହୋଇଥିବା ଜଣାପଡ଼ିଛି। କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ ହେଉଥିବା ବେଳେ ସଠିକ ଭାବରେ ନିର୍ମାଣ କରାଯାଉ ନଥିବା ଯୋଗୁଁ ଅଳ୍ପ ଦିନରେ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବେହେରାଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

## ରାସ୍ତା ଅବରୋଧ ଓ ବେଆଇନ ପାର୍କିଂ ଜଗିବ ସିସିଟିଭି



ଅନୁଗୋଳ,୨।୬(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ଅନୁଗୋଳ ପୌରପାଳିକାକୁ ଏବେ ବୁଲେଟ୍ ଓ ଏଫ୍ଆର୍ସି କ୍ୟାମେରା ଲିଙ୍କ୍ ଦିଆଯାଇଛି। ପୌରକର୍ମଚାରୀଙ୍କୁ ଏଥିନେଇ ପୁଲିସ ପକ୍ଷରୁ ତାଲିମ ଦିଆଯାଇଛି। ବିଶେଷକରି ପୁରୁଣା ବସ୍ଷ୍ଟାଣ୍ଡ ବଜାର ଆଦି ଅଞ୍ଚଳରେ କୌଣସି ଦୋକାନୀ ରାସ୍ତା ଅବରୋଧ କଲେ କିମ୍ବା କେହି ବେଆଇନ ଭାବେ ଗାଡ଼ି ପାର୍କ କଲେ ଗାଡ଼ି ମାଲିକଙ୍କୁ ଫାଇନ କରାଯିବ। ଏଥିନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ କହିଛନ୍ତି ଯେ ଅନୁଗୋଳ ପୌରପାଳିକା ଇତିହାସରେ ପ୍ରଥମଥର ପାଇଁ ପୁଲିସ ସହାୟତାରେ ଏହି ହାଇଟେକ୍ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ରାସ୍ତା ଜବରଦଖଲ କରି ଯେଉଁମାନେ ଟ୍ରାଫିକ୍ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଛନ୍ତି, ସେମାନଙ୍କୁ ମୋଟା ଅଙ୍କର ଫାଇନ୍ ପକାଯିବ। ଏହାଛଡ଼ା ଯେଉଁ ଦୋକାନୀ ରାତିରେ ଲୁଚାଇ ଅଳିଆ ରାସ୍ତାରେ ପକାଉଛନ୍ତି, ସେମାନଙ୍କୁ ମଧ୍ୟ ଏହି କ୍ୟାମେରା ମାଧ୍ୟମରେ ଧରାଯିବ।

**ପୌରପାଳିକା ହାତରେ ରହିବ କ୍ୟାମେରା ଲିଙ୍କ୍**

**● ବିଶ୍ୱ ବାଇସାଇକଲ୍ ଦିବସ**

## ବଜାରରେ ଏବେ ବି ବାଇସାଇକଲ୍‌ର ଆଦର ରହିଛି

ଅନୁଗୋଳ,୨।୬(ସମିସ): ବିଜୁ ବାବୁ ସାଇକଲ ଚଳାଇ ପାକିସ୍ତାନର ଲାହୋର ଯାଇଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନିର୍ବାଚନ ପ୍ରଚାର ବେଳେ ସାଇକଲ ଚଢ଼ି ଗାଁ ଗାଁ ବୁଲୁଥିଲେ। ସେହିପରି ଅନୁଗୋଳ ଆଠମଲ୍ଲିକର ପେଣ୍ଟର ପି କେ ମହାନନ୍ଦିଆ ସାଇକଲ ଚଢ଼ି ଭାରତରୁ ୪ ହଜାର ମାଇଲ ଦୂର ସୁଇଡେନ ନିଜ ପ୍ରେମିକାଙ୍କୁ ଭେଟିବା ପାଇଁ ପଳାଇଥିଲେ। ବାଇସାଇକଲ୍‌ର ଆଦର ଆବହମାନ କାଳରୁ ରହିଛି। ଆମ ବାପା ଜେଜେ ବାପା ବାହାଘର ବେଳେ ରାଲେ କି ହମ୍ବର୍ ସାଇକେଲଟେ ଯୌତୁକ ପାଇଲେ ଗାଁରେ ହୁରିହାଟ ପଡ଼ି ଯାଉଥିଲା। ୧୮୧୭ ରେ ଜର୍ମାନ୍ ନାଗରିକ ବାରନ କାର୍ଲ ଭନ୍ ସାଇକଲ ତିଆରି କରିଥିଲେ। ସେ ସାଇକେଲ କିମ୍ଭୂତ କିମାକର ଦିଶୁଥିଲା। ପରବର୍ତ୍ତୀ ସମୟରେ ସାଇକଲରେ ବହୁ ପରିବର୍ତ୍ତନ କରାଗଲା। ୧୮୮୫ ରେ ଇଂଲିଶ ନାଗରିକ ଜନ କେମ୍ ଷ୍ଟର୍ଲେ ନିରାପଦ ସାଇକଲ ନିର୍ମାଣ କଲେ। ଯାହାକୁ ଆରୋହୀମାନେ ଖୁବ୍ ପସନ୍ଦ କଲେ। ଯୁଗ ବଦଳିବା ସଙ୍ଗେ ସଙ୍ଗେ ସାଇକଲର ଆକାର ପ୍ରକାର ମଧ୍ୟ ବଦଳିଲାଣି। ଏବେ ପେଟ୍ରୋଲ ଦର ବଢ଼ିବା ପରେ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସାଇକଲ ଚଢ଼ିବାକୁ ଅନେକ ଆଗ୍ରହ ପ୍ରକାଶ କଲେଣି। ଫଳରେ ହଜିଯାଉଥିବା ସାଇକଲର ଆଦର ପୁଣି ବଢ଼ିବାରେ ଲାଗିଲାଣି। କିଛି କମ୍ପାନୀ ବ୍ୟାଟେରୀ ଯୁକ୍ତ ବାଇସାଇକଲ୍ ମଧ୍ୟ ବାହାର କଲେଣି।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବଇଣ୍ଡା,୨।୬(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଉରୁକୁଳା ପଞ୍ଚାୟତରେ ଥିବା ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ, ପର୍ଶୁମାଳର ଶିକ୍ଷକ ଲୋକନାଥ ବିଶ୍ୱାଳ ଶନିବାର ଦିନ ଅବସର ଗ୍ରହଣ କରିଛନ୍ତି।



ତାଙ୍କୁ ବିଦ୍ୟାଳୟ ପରିସରରେ ରବିବାର ଦିନ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଜନୀକାନ୍ତ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାକର ପ୍ରଧାନ, ଫରେଷ୍ଟର ଦୀପ୍ତିରଞ୍ଜନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସନତ କୁମାର ପ୍ରଧାନ, ଶିକ୍ଷାବିତ ବୀରେନ୍ଦ୍ରକୁମାର ସାହୁ, ଗୁଣନିଧି ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା, ଦିଲେଶ୍ୱର ଦେହୁରୀ, ପ୍ରୀୟତ୍ ପ୍ରଜ୍ଞା ନାୟକ, ରଞ୍ଜିତ୍ କୱାନୋର୍, ସିଡୁ ପ୍ରଧାନ, ଆଲୋକ ବେହେରା, କନ୍ଦର୍ପ ବେହେରା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

## ଧଉରାପାଲ୍ଲୀ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୨।୬(ସମିସ): କିଶୋରନଗର ବ୍ଲକ୍ ପ୍ରଶାସନ ପକ୍ଷରୁ ଧଉରାପାଲ୍ଲୀ ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାର ସମାଧାନ କରିଥିଲେ। ଧଉରାପାଲ୍ଲୀ ଗାଁର ସଞ୍ଜୟ ପ୍ରଧାନ କିଶୋରନଗରରେ ଷ୍ଟ୍ରିଟ୍ ଲାଇଟ ଲଗାଯିବା, କିଶୋରନଗର ସାପ୍ତାହିକ ହାଟ ଓ କଲେଜ ଛକଠାରେ ନିର୍ମାଣ



ହୋଇଥିବା ଦୋକାନ ଗୃହଗୁଡ଼ିକର ନିଲାମ କରାଯିବା, ଓ କିଶୋରନଗର କଲେଜ ଛକ ବ୍ରିଜ ଠାରୁ ସାପ୍ତାହିକ ହାଟକୁ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦେହୁରୀ, ଆରଡ଼ବ୍ଲୁଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଡଡିଇଓ(ଆରସିଏମ୍) ସରୋଜ ପ୍ରଧାନ, ବ୍ଲକ କନିଷ୍ଠ ଯନ୍ତ୍ରୀ ଯତୀନ ଦେହୁରୀ, ବିଏସ୍ଏସ୍ ଓ ଝସକେତନ ସାହୁ, ମହିଳା ଶିଶୁ ବିକାଶ ବିଭାଗର ସୁପରଭାଇଜର ଅସ୍ମିତା ସାହୁ ପ୍ରମୁଖ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଲକ୍ ଅଧ୍ୟକ୍ଷାଙ୍କ ପୁତ୍ର ବିୟୋଗ



କିଶୋରନଗର,୨।୬(ସମିସ): କିଶୋରନଗର ବ୍ଲକ ଅଧ୍ୟକ୍ଷା ସୈରିନ୍ଦ୍ରୀ ପ୍ରଧାନଙ୍କ ପୁଅ ଉମାକାନ୍ତ ପ୍ରଧାନ(୨୦)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କ୍ୟାପ୍ଟେନ୍ ବ୍ରଜବନ୍ଧୁ ବଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଅନୁଗୋଳ,୨।୬(ସମିସ): ଦୀର୍ଘ ତିରିଶ ବର୍ଷର ଦେଶସେବା ପରେ ଅନୁଗୋଳ ମାଟିର ବୀର ଯବାନ କ୍ୟାପ୍ଟେନ୍ ବ୍ରଜବନ୍ଧୁ ବଳଙ୍କୁ ଏଡିଭି ବା ପୂର୍ବତନ ସୈନିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୧୨ ମାହାର ରେଜିମେଣ୍ଟରେ କାର୍ଯ୍ୟ କରିବା ପରେ ଶ୍ରୀ ବଳ ଘରକୁ ଫେରିଥିଲେ। ଶ୍ରୀ ବଳ ଘରକୁ ଫେରିବା ପରେ ତାଙ୍କୁ ଏଡିଭି ସଦସ୍ୟ ଓ ଗ୍ରାମବାସୀ ସମ୍ବର୍ଦ୍ଧନା ଦେଇଥିଲେ। ସମସ୍ତ ଗ୍ରାମବାସୀ ଓ ପୂର୍ବତନ ସୈନିକ ସଂଘର ସଦସ୍ୟମାନେ କ୍ୟାପ୍ଟେନ୍ ବଳଙ୍କୁ ଗାଁ ଭିତରକୁ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ କ୍ୟାପଟେନ ଶ୍ରୀ ବଳ ଅବସର ପରେ ନିଜ ଅଞ୍ଚଳର ଯୁବପିଢ଼ିଙ୍କୁ ସେନାରେ ସାମିଲ କରାଇବା ପାଇଁ ତାଲିମ ଦେବେ ବୋଲି କହିଥିଲେ। ତାଙ୍କୁ ଏଭଳି ଅଭୂତପୂର୍ବ ସମ୍ବର୍ଦ୍ଧନା ପାଇଁ ସେ ଗ୍ରାମବାସୀ ଓ ଏଡିଭିର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।



**ସ୍ମାର୍ଟମିଟର ଲଗାଇ କର୍ମଚାରୀଙ୍କୁ ଛଟେଇ ଚକ୍ରାନ୍ତ**

## ପ୍ରତିବାଦରେ ବିଦ୍ୟୁତ୍ କର୍ମଚୀରୀ ସଂଘର ବୈଠକ

ଅନୁଗୋଳ,୨।୬(ସମିସ): ସ୍ମାର୍ଟମିଟର ଲଗାଇ ବିଦ୍ୟୁତ୍ ବିଭାଗରେ ଦୀର୍ଘଦିନରୁ



କାର୍ଯ୍ୟ କରିଆସୁଥିବା ମିଟର ରିଡର, ବିଲ୍ କଲେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ଖର୍ଚ୍ଚ ହ୍ରାସ ଆଳରେ ଛଟେଇ କରିବାର ଚକ୍ରାନ୍ତ କରାଯାଉଛି। ଏହା ବିରୋଧରେ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ବୈଠକ ଜରପଡ଼ା ନିକଟସ୍ଥ ଜେରେଙ୍ଗ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ଦୀପକ କୁମାର ସିଂହଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ତଥା ସଂଘ ସଭାପତି ଜୟସେନ ମେହେର ଯୋଗଦେଇ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଗତ ୧୫ବର୍ଷ ଧରି କାର୍ଯ୍ୟ କରିଆସୁଥିବା କର୍ମଚାରୀଙ୍କୁ ଉନ୍ନତ ଜ୍ଞାନକୌଶଳ ପ୍ରଚଳନ କରି ଛଟେଇ କରିବାର ଚକ୍ରାନ୍ତକୁ ତୀବ୍ର ବିରୋଧ କରିବା ସହ ଟିପିସିଓଡିଏଲ୍ ଏବଂ ସରକାରୀ କର୍ତ୍ତୃପକ୍ଷ ସେମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବାକୁ ଦାବି କରିଥିଲେ। ଶ୍ରମିକ କର୍ମଚାରୀ ବିରୋଧୀ ପଦକ୍ଷେପ ଗ୍ରହଣ କରାଗଲେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମେତ ଜନସାଧାରଣ ଏହାର ଦୃଢ଼ ବିରୋଧ କରିବାକୁ ସଂଘ ପକ୍ଷରୁ ଆହ୍ୱାନ କରାଯାଇଛି। ଏହି ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ମାନସ ପାଳଙ୍କ ସମେତ ନବକିଶୋର ପ୍ରଧାନ, ଦିଲ୍ଲୀପ ସାସମଲ, ସୁକାନ୍ତ ସାହୁ, ପ୍ରଫୁଲ୍ଲ ସାହୁ, ମୋହନ ସାହୁ, ପ୍ରସନ୍ନ ସେନାପତି, ସତ୍ୟସୁନ୍ଦର ସାହୁ, ବିକାଶ ଗଡ଼ନାୟକ, ସୁନୀଲ ମହାପାତ୍ର, ସାଫଲ୍ୟ ତ୍ରିପାଠୀ, ପ୍ରକାଶ ବେହେରା, ବୈକୁଣ୍ଠ ସାହୁଙ୍କ ସହ ଶତାଧିକ ଶ୍ରମିକ କର୍ମଚାରୀ ଉପସ୍ଥିତ ଥିଲେ।

**■ ରେଙ୍ଗାଲି ଡ୍ୟାମ୍‌ରେ ହେବ ପର୍ଯ୍ୟଟନ କେନ୍ଦ୍ରର ବିକାଶ**

## ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କଲେ ବିଧାୟକ

କଣିହାଁ,୨।୬(ସମିସ): ରେଙ୍ଗାଲି ଡ୍ୟାମକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା ଲକ୍ଷ୍ୟରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମଙ୍ଗଳବାର ରେଙ୍ଗାଲି ଡ୍ୟାମ ନିକଟସ୍ଥ ପ୍ରସ୍ତାବିତ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସେ ରେଙ୍ଗାଲି ଜଳଭଣ୍ଡାରର ମନୋରମ ପ୍ରାକୃତିକ ପରିବେଶ, ପାହାଡ଼ ଓ ଜଙ୍ଗଲ ଘେରା ଅଞ୍ଚଳର ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକଙ୍କ ନିକଟରେ ଅଧିକ ଲୋକପ୍ରିୟ କରିବା ପାଇଁ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ନିମନ୍ତେ ସେଲ୍ଫି ପଏଣ୍ଟ, ପାର୍କ, ଶିଶୁ ଉଦ୍ୟାନ, ବୋଟିଂ ସୁବିଧା, ବିଶ୍ରାମାଗାର ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା ଭଳି ଆବଶ୍ୟକ ଢାଞ୍ଚା ନିର୍ମାଣ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରାକୃତିକ ପରିବେଶର ସୁରକ୍ଷାକୁ ପ୍ରାଥମିକତା ଦେଇ ପରିବେଶ ଅନୁକୂଳ ଢାଞ୍ଚା ନିର୍ମାଣ ସହ ସ୍ଥାନୀୟ ଯୁବକ ଓ ମହିଳାମାନଙ୍କୁ ପର୍ଯ୍ୟଟନ ଭିତ୍ତିକ ଜୀବିକା ସହ ଯୋଡ଼ିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ମହାନ୍ତି କହିଥିଲେ ଯେ, ରେଙ୍ଗାଲି ଡ୍ୟାମରେ ଉନ୍ନତ ପର୍ଯ୍ୟଟନ ଭିତ୍ତିଭୂମି ଗଢ଼ି ଉଠିଲେ ଏହା କେବଳ ଅନୁଗୋଳ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବେ ପରିଚିତ ହେବ। ଏହା ଦ୍ୱାରା ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବା ସହ କ୍ଷୁଦ୍ର ବ୍ୟବସାୟ, ପରିବହନ, ହୋଟେଲ ଓ ହସ୍ତଶିଳ୍ପ କ୍ଷେତ୍ରରେ ନୂତନ ରୋଜଗାର ସୁଯୋଗ ସୃଷ୍ଟି ହେବ। ପରିଦର୍ଶନ ଶେଷରେ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରକଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଶୀଘ୍ର କାର୍ଯ୍ୟାନ୍ୱୟନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଲୋକମାନେ ମଧ୍ୟ ପ୍ରସ୍ତାବିତ ପର୍ଯ୍ୟଟନ ପ୍ରକଳ୍ପକୁ ସ୍ୱାଗତ କରି ଅଞ୍ଚଳର ବିକାଶ ପ୍ରତି ଆଶାବାଦୀ ମତ ପ୍ରକାଶ କରିଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ନୀତିଶ କୁମାର, ଶୁଭ୍ରା ସୁଚିସ୍ମିତା ମହାପାତ୍ର, ଭାଜପାର ଜିଲ୍ଲା ଓ ବ୍ଲକ୍ କାର୍ଯ୍ୟକର୍ତ୍ତା ନୃସିଂହ ଚରଣ ବରାଳ, ପ୍ରହ୍ଲାଦ ସାମଲ, ବିନୟ କୁମାର ପ୍ରଧାନ, ଧ୍ରୁବ ଚରଣ ଧୀର, ସୁମନ୍ତ ପ୍ରଧାନ, ମନୋଜ ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## କୋଲିୟରି ଥାନା ପକ୍ଷରୁ 'ଆମ ପୁଲିସ' ବୈଠକ



ତାଳଚେର,୨।୬(ସମିସ): ତାଳଚେର କୋଲିୟରି ଥାନା ପକ୍ଷରୁ ଆମ ପୁଲିସ୍ ସମିତି ବୈଠକ ଅନୁଷ୍ଠିତ ହୋଇଛି। ତାଳଚେର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ, ପୌରପରିଷଦର ଶତାଧିକ ଲୋକ ଯୋଗ ଦେଇଥିଲେ। ସାଇବର ସଚେତନତା ଠାରୁ ଆରମ୍ଭକରି ପୁଲିସ ପାଟ୍ରୋଲିଂ ସହ ପୁଲିସ ଓ ଜନତାଙ୍କ ଭିତରେ ସୁସମ୍ପର୍କ ସ୍ଥାପନ ନିମନ୍ତେ ଆଲୋଚନା ହୋଇଥିଲା। ପୁଲିସକୁ ଭୟ ନକରି ସମସ୍ତେ ଭଲ ପାଇବା ଦେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କୋଲିୟରି ଭାରପ୍ରାପ୍ତ ଥାନା ଅଧିକାରୀ ଧୀରେଶ ଦାସ ସୂଚନା ଦେଇଥିଲେ। ତାଳଚେରରେ ବ୍ରାଉନ୍‌ସୁଗର୍ କାରବାର ଉପରେ ପୁଲିସ ରୋକ ଲଗାଇ ପାରିଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଜ୍ଞାପନ କରିଥିଲେ। ତାଳଚେରରେ ନିଶା ସହ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପକୁ ବନ୍ଦ କରିବାକୁ ଆଗାମୀ ଦିନରେ ପୁଲିସ ପକ୍ଷରୁ ଜୋରଦାର ଚଢ଼ଉ କରାଯିବା ସହ ଅପରାଧୀଙ୍କୁ ଏଥିରୁ ନିସ୍ତାର ମିଳିବ ନାହିଁ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି। ଏସ୍ଆଇ ବ୍ରହ୍ମାନନ୍ଦ ସାହୁ, ବଳରାମ ସାମନ୍ତରାୟ, ସଞ୍ଜୀବ ଜାଲ, ପିକେ ମିଶ୍ର, ବିପୁଳ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ତାଳଚେର,୨।୬(ସମିସ): ଦେଉଳବେଡ଼ା ଡିସିଆଇ କ୍ଲବ୍ ପରିସରରେ ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଏମ୍ସିଏଲ୍ ଆମ୍ବୁଲାନ୍ସ ଡିଭିଜନର ମିଳିତ ଆନୁକୂଲ୍ୟରେ "ସଡ଼କ ସୁରକ୍ଷା ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏମ୍ସିଏଲ୍ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଏକ ସାମାଜିକ ସଚେତନତା ଭିତ୍ତିକ ନାଟକ "ଅ-ସିଝା ସୁରକ୍ଷା' ଅତ୍ୟନ୍ତ ଜୀବନ୍ତ ଓ ପ୍ରଭାବଶାଳୀ ଭାବେ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ତାଳଚେରର ଏମ୍ଭିଆଇ ତପନ କୁମାର ବେଟି ସହିତ ସୌଭାଗ୍ୟ ଚନ୍ଦ୍ର ବେହେ ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ଏମ୍ସିଏଲ୍ ଆମ୍ବୁଲାନ୍ସ ଡିଭିଜନର କମାଣ୍ଡର ଦୀନବନ୍ଧୁ ପ୍ରଧାନ ଏବଂ ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ଟିକନ ସାହୁ, ସୁଶୀଲ କୁମାର ଓ ରାକେଲ କୁମାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇଚକିଆ ଚଳାଇବା ବେଳେ ହେଲମେଟ୍ ଓ ଚାରିଚକିଆ ଚଳାଇବା ବେଳେ ସିଟ୍ ବେଲ୍ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା।

**ଟାଇଁସି ଆଞ୍ଚଳିକ କୃଷକ ସମାଜର ବାର୍ଷିକ ମହାସଭା**

# ହାତୀ ଉପଦ୍ରବ ନେଇ ଚାଷୀଙ୍କ ଉଦ୍‌ବେଗ

ଅନୁଗୋଳ,୨।୬(ସମିସ):

ଅନୁଗୋଳ ବ୍ଲକ୍ ଟାଇଁସି ଆଞ୍ଚଳିକ କୃଷକ ସମାଜର ଚଳିତବର୍ଷର ବାର୍ଷିକ ମହାସଭା ଆୟୋଜିତ ହୋଇଯାଇଛି। ଟାଇଁସି, ଅନ୍ତୁଳିଆ ଓ କୋଠଭୂଇଁ ପଞ୍ଚାୟତର ୩୦ଟି ଗ୍ରାମର ୨ଶହ କୃଷକ ମହାସଭାରେ ଅଂଶଗ୍ରହଣ କରିଥିଲେ। କୃଷକ ସମାଜର ଆଞ୍ଚଳିକ ସଭାପତି ସୁଶୀଲ କୁମାର ପ୍ରଧାନ ମହାସଭାରେ ସଭାପତିତ୍ୱ କରିଥିଲେ। ଚଳିତ ବର୍ଷର ସମାଜର ଆୟ ଓ ବ୍ୟୟର ହିସାବପତ୍ର ସହ ବାର୍ଷିକ ବିବରଣୀ ପାଠ କରାଯାଇ ଗୃହୀତ କରାଯାଇଥିଲା। ଅଞ୍ଚଳରେ କୃଷକମାନଙ୍କର ଉନ୍ନତି, ଚାଷ କାର୍ଯ୍ୟ, ଶାନ୍ତି ଶୃଙ୍ଖଳାର ରକ୍ଷା, ଚାଷୀର ଉତ୍ପାଦନ ଶସ୍ୟର ବିକ୍ରିବଟା ଓ ସଠିକ୍ ମୂଲ୍ୟ ପାଇବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଚାଷୀ ମାନଙ୍କର ବହୁବିଧ ସମସ୍ୟା ରହିଥିବାବେଳେ ହାତୀ ଓ ବନ୍ୟଜନ୍ତୁ ଉପଦ୍ରବ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ଆଲୋଚନା ହୋଇଥିଲା। ହାତୀ ଦଳ ଗାଁ ଗାଁରେ ଥିବା ଆମ୍ବତୋଟା ଓ କୃଷିକ୍ଷେତ୍ରରେ ରହି



ଚାଷୀଙ୍କର ଫସଲ ନଷ୍ଟ କରୁଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ହାତୀମାନଙ୍କର ଖାଦ୍ୟ ସଂରକ୍ଷିତ ଜଙ୍ଗଲ ଏବଂ ଅଭୟାରଣ୍ୟରେ ଆଦୌ ନଥିବା ଏପରିକି ବନ ବିଭାଗ ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ପାଇଁ କୌଣସି ପ୍ଲାଣ୍ଟେସନ କରି ନ ଥିବା କାରଣରୁ ହାତୀ ଗାଁକୁ ଆସୁଥିବା ଆଲୋଚନା ହୋଇଥିଲା। ଦେଶ ସ୍ୱାଧୀନତା ପରଠାରୁ ବନ ବିଭାଗ ଖାଲି ଶାଗୁଆନ ପ୍ଲାଣ୍ଟେସନ ପ୍ରତିବର୍ଷ କରିଥିବା ମହାସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ବନ ବିଭାଗର ସମସ୍ତ ସରକାରୀ ଯୋଜନା ଫେଲ ହୋଇଥିବା କାରଣରୁ ହାତୀ ସମେତ ଅନ୍ୟାନ୍ୟ ବନ୍ୟଜନ୍ତୁ ଗାଁକୁ ଆସୁଥିବା କୃଷକମାନେ ଆଲୋଚନା କରିଥିଲେ। ଗୋଷ୍ଠୀଗତ ଜଙ୍ଗଲ ଅଧିକାରରେ ଗ୍ରାମଗୋଷ୍ଠୀଙ୍କୁ କେବଳ ରାଜସ୍ୱ ଜଙ୍ଗଲର ସ୍ୱୀକୃତି ଦିଆଯାଇ ସଂରକ୍ଷିତ ଜଙ୍ଗଲରୁ ବାଦ୍ ଦିଆଯାଇଥିବା ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ କୃଷକ ସମାଜ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳ ଓ ରାଜ୍ୟପାଳଙ୍କୁ ଦିଆଯିବାକୁ ଆଲୋଚନା କରାଗଲା। ହାତୀ ଓ ବନ୍ୟଜନ୍ତୁ ଉପଦ୍ରବର ନିୟନ୍ତ୍ରଣ କ୍ଷେତ୍ରରେ ବନ ବିଭାଗ ଖାମଖିଆଲ ମନୋଭାବ ଏବଂ ଫସଲର ସଠିକ୍ କ୍ଷତିପୂରଣ ନ ମିଳୁଥିବା, ହାତୀଙ୍କୁ ସଠିକ୍ ଉପାୟରେ ଘଉଡ଼ା ଯାଉ ନଥିବା ନେଇ ମହାସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚାଷୀମାନଙ୍କର ଉତ୍ପାଦନ ଶସ୍ୟର ବିକ୍ରିବଟାର ଉଚିତ୍ ମୂଲ୍ୟ ପାଇବା ନେଇ ଆଲୋଚନା କରାଯାଇଥିଲା। ଚାଷୀମାନେ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର ପରିବର୍ତ୍ତେ ଜୈବିକ କୃଷିକୁ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ସାହୁ, ଧ୍ରୁବଚରଣ ବେହେରା, ବିଷ୍ଣୁଚରଣ ସାହୁ, ମଦନ ପ୍ରଧାନ, ଧୋବେଇ ପ୍ରଧାନ, ଟୁନା ସାହୁ, ରାଜେନ୍ଦ୍ର ପ୍ରଧାନ, ସୌର ସାହୁ, ଲୋକନାଥ ସାହୁ ପ୍ରମୁଖ ମହାସଭା ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

# ଅଙ୍ଗନବାଡି ଭିତ୍ତିଭୂମି, ପାନୀୟଜଳ ଓ ଗ୍ରାମ୍ୟ ସଡ଼କ ଉନ୍ନତି ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୨।୬(ସମିସ)




ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାର ଅଗ୍ରଗତି, ପାଣ୍ଠି ବିନିଯୋଗ ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ସ୍ଥିତିର ସମୀକ୍ଷା ନେଇ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି (ଦିଶା)ର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାର ବିକାଶମୂଳକ କାମ ଓ ଜନକଲ୍ୟାଣ ଯୋଜନାର ସ୍ଥିତିକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା କେନ୍ଦ୍ରାପଡ଼ା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ଓ ନବକୃଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ପୂର୍ବବର୍ତ୍ତୀ ଦିଶା ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ "ବେଟି ବଚାଓ, ବେଟି ପଢାଓ' ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଚାଲିଥିବା କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ରାଜନଗର ଓ ମହାକାଳପଡ଼ା ଅଞ୍ଚଳରେ ବାଲ୍ୟ ବିବାହ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ସଚେତନତାମୂଳକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ସ୍ତରରେ ସ୍ୱାସ୍ଥ୍ୟ, ଶିଶୁ ସୁରକ୍ଷା, ଅଙ୍ଗନବାଡି ଓ ଆଶା କର୍ମୀଙ୍କ ସମନ୍ୱୟରେ ସଚେତନତା କାର୍ଯ୍ୟକ୍ରମ ନିୟମିତ ଭାବେ ଚାଲିଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ, ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ପୁଷ୍ଟିକର ଖାଦ୍ୟ ବଣ୍ଟନ ଓ ଶୌଚାଳୟ ସୁବିଧାକୁ ଅଧିକ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେବାକୁ ସାଂସଦ ଶ୍ରୀ ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ସଡ଼କ ମରାମତି, ମେଗା ପାନୀୟଜଳ ପ୍ରକଳ୍ପ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସରକାରୀ ସହାୟତା, ଲକ୍ଷପତି ଦିଦି କାର୍ଯ୍ୟକ୍ରମ, ଅନ୍ତ୍ୟୋଦୟ ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନାର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଜନପ୍ରତିନିଧିଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ଅନାଥ ନାବାଳିକାଙ୍କୁ ସହାୟତା



ଡେରାବିଶ, ୨।୬(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମର ଅନାଥ ନାବାଳିକା ପ୍ରଭାସିନୀ ଓ ରୂପାଲିଙ୍କୁ ଆଜି କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ ସହାୟତାର ହାତ ବଢ଼ାଇଛନ୍ତି। ଗୌତମଙ୍କ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଦୁଇଝିଅଙ୍କ ପାଠପଢ଼ାର ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗୌତମଙ୍କ ପତ୍ନୀ ପ୍ରତୀମା ୬ ମାସ ପୂର୍ବେ ମୃତ୍ୟୁବରଣ କରିଥିବାବେଳେ ଗତ ଦଶଦିନ ତଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଗୌତମ ମୃତ୍ୟୁବରଣ କରିବା ପରେ ତାଙ୍କର ଦୁଇଝିଅ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ବାପାଙ୍କ କ୍ରିୟା କର୍ମ ପାଇଁ ଅର୍ଥ ଯୋଗାଡ଼ କରିବାକୁ ପଡୁଛି। ଏ ଖବର ଜାଣିବା ପରେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସଭାପତି ଶ୍ରୀ ସାହୁ ଆଜି ତାଙ୍କ ବାସଭବନରେ ପହଞ୍ଚି ନଗଦ ଅର୍ଥରାଶି ପ୍ରଦାନ କରିବା ସହ ଦୁଇ ଅନାଥ ଝିଅଙ୍କ ପଢ଼ା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ସାହୁଙ୍କ ସହ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ଗରଦପୁର ଶାଖା ପରିଚାଳକ ଅନୋଜ ସିଂ, ଦୈନିକ ଜମା ସଂଗ୍ରହକାରୀ ଗୟାଚାନ୍ଦ ଭୂୟାଁ, ସମାଜସେବୀ ଧିରେନ୍ଦ୍ର ଜେନା, ଶୁଭଙ୍କର ସାମନ୍ତରାୟ, ଇନ୍ଦାଲୋ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ପୂର୍ବତନ ସମିତିସଭ୍ୟ ସୁଜିତ ସାମନ୍ତରାୟ, ମଣିନାଥ ଜେନା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ● ବାପାମାଆ ଛେଉଣ୍ଡ ନାବାଳିକାଙ୍କୁ ସହାୟତା

ଡେରାବିଶ, ୨।୬(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମର ଗୌତମ ଜେନାଙ୍କ ଦୁରାରୋଗରେ ଗତ ୧୦ ଦିନ ତଳେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ତାଙ୍କର ଦୁଇ ନାବାଳିକା ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି। ୬ ମାସ ପୂର୍ବରୁ ଗୌତମଙ୍କ ପତ୍ନୀ ପ୍ରତୀମାଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିଲା।



ଗୌତମଙ୍କ ମୃତ୍ୟୁ ପରେ ବାପମାଆ ଛେଉଣ୍ଡ ହୋଇଯାଇଥିବା ଦୁଇ ନାବାଳିକା ଝିଅ ଗୌତମଙ୍କ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସଙ୍କଟ ଭିତରେ ଗତି କରୁଛନ୍ତି। ଏ ଖବର ପାଇ ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ ନାବାଳିକା ଦ୍ୱୟଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇଥିବାବେଳେ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ତହସିଲଦାର ୧୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିବା ସହ ବିଡିଓ ଶ୍ରୀମତୀ ବାରିକ ନାବାଳିକାଙ୍କ ପାଇଁ ଅନ୍ତ୍ୟୋଦୟ ଯୋଜନାରେ ରାସନ କାଡର୍ ପ୍ରଦାନ କରିଥିଲେ। ଏଥିସହିତ ବାସଗୃହ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବେସାହାରା ନାବାଳିକାଙ୍କ ପାଇଁ ଅଧିକ ସହାୟତା ଯୋଗାଇ ଦେବାକୁ ଗ୍ରାମର ପ୍ରଶାନ୍ତ ସାମନ୍ତରାୟ ବିଡିଓ ଓ ତହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି।

## ଘର ଆଗରେ ଘର କରି ବାଟ ବନ୍ଦ ଉଦ୍ୟମ ଅଭିଯୋଗ

ଡେରାବିଶ,୨।୬(ସମିସ): ଏଣ୍ଡର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାସଗୃହ ସମ୍ମୁଖରେ ତାଙ୍କର ଅନ୍ୟ ଜଣେ ଅଂଶୀଦାର ଗୃହ ନିର୍ମାଣ ନିମନ୍ତେ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଛି। ଗୁରୁଚରଣ ସେଠୀ ତାଙ୍କ ପୈତୃକ ସମ୍ପତ୍ତିରେ ଏକ ପକ୍କା ଗୃହ କରି ବସବାସ କରୁଛନ୍ତି। ଏବେ ତାଙ୍କର ଅଂଶୀଦାର ତାଙ୍କ ଘର ସମ୍ମୁଖରେ ଘର ନିର୍ମାଣ କରିବା ପାଇଁ ବାଲି ଗୋଡ଼ି ଇତ୍ୟାଦି ନିର୍ମାଣ ସାମଗ୍ରୀ ଗଦା କରିଛନ୍ତି। ଏହି ସ୍ଥାନରେ ତାଙ୍କ ଅଂଶୀଦାର ଗୃହ ନିର୍ମାଣ କଲେ ଗୁରୁଚରଣ ସମ୍ପୂର୍ଣ୍ଣ ଗୃହବନ୍ଦୀ ହେବା ସହିତ ଆଦୌ ଘରୁ ପଦାକୁ ବାହାରି ପାରିବେନାହିଁ। ଏ ସମ୍ପର୍କରେ ଗୁରୁଚରଣ ଡେରାବିଶ ଥାନା ପୁଲିସ୍, ତହସିଲଦାର ଓ ଅଦାଲତଙ୍କ



ଆଶ୍ରୟ ନେଇଥିବା ଜଣାଯାଇଛି। ମାମଲା ଅଦାଲତରେ ବିଚାରଧୀନ ଥିବାବେଳେ ଅଂଶୀଦାର ଜଣକ ଗୁରୁଚରଣଙ୍କ ଘର ସମ୍ମୁଖରେ ନିର୍ମାଣ ସାମଗ୍ରୀ ଗଦା କରିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ସମାଜସେବା ଓ ସୂଚନା ଅଧିକାର ଆଇନ ପାଇଁ ପ୍ରକାଶ ଦାସ ସମ୍ବର୍ଦ୍ଧିତ

ମହାକାଳପଡ଼ା,୨।୬(ସମିସ): ସମାଜ ସେବା ଓ ସୂଚନା ଅଧିକାର ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାକାଳପଡ଼ା ମାଟିର ପୁଅ ଆକ୍ଟିଭିଷ୍ଟ ତଥା ଓଡ଼ିଶା ଉଚ୍ଚନ୍ୟାୟାଳୟର ଅଧିବକ୍ତା ପ୍ରକାଶ ଦାସଙ୍କୁ ଉତ୍କଳ ପ୍ରତିଦିନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଚିକିତ୍ସକ ଡାକ୍ତର ଅଶୋକ ମହାପାତ୍ର ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେ ଶ୍ରୀ ଦାସଙ୍କ ସାମାଜିକ ସଚେତନତାମୂଳକ କାର୍ଯ୍ୟ, ଜନସ୍ୱାର୍ଥ ସମ୍ପର୍କିତ ପଦକ୍ଷେପ ଓ ଆରଟିଆଇ କ୍ଷେତ୍ରରେ ତାଙ୍କର ନିରନ୍ତର ସଂଘର୍ଷକୁ ଉଚ୍ଚପ୍ରଶଂସା କରିଥିଲେ। ଡାକ୍ତର ମହାପାତ୍ର କହିଥିଲେ, ସମାଜର ସ୍ୱଚ୍ଛତା ଓ ଜବାବଦେହିତା ପାଇଁ ଏପରି ଯୁବ ସମାଜସେବୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଓ ପ୍ରେରଣାଦାୟକ। ଏପରି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଆହୁରି ନିଷ୍ଠା ଓ ଦୃଢ଼ତା ସହ ସାମାଜିକ କାର୍ଯ୍ୟ କରିବାକୁ ପ୍ରେରଣା ଓ ଉତ୍ସାହ ଯୋଗାଇବ ବୋଲି ପ୍ରକାଶ କହିଛନ୍ତି।



## ସତ୍ୟପ୍ରିୟ ସାମଲ ଜିଲ୍ଲା କଂଗ୍ରେସ ସଂଗଠନ ଉପସଭାପତି



କେନ୍ଦ୍ରାପଡ଼ା,୨।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ସଂଗଠନ ଉପସଭାପତି ଭାବେ ବରିଷ୍ଠ କଂଗ୍ରେସ ଯୁବନେତା ସତ୍ୟପ୍ରିୟ ସାମଲଙ୍କୁ ନିଯୁକ୍ତି ଦିଆଯାଇଛି। ସେ କଂଗ୍ରେସର ସମସ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଶ୍ରୀ ସାମଲ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ପ୍ରଦେଶ କଂଗ୍ରେସ କମିଟି ସାଂଗଠନିକ ଉପସଭାପତି ସନ୍ତୋଷ ସିଂ ସାଲୁଜା, ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ଓ ଜିଲ୍ଲା କଂଗ୍ରେସ କମିଟି ସଭାପତି ଡଃ ଦେବସ୍ମିତା ଶର୍ମାଙ୍କ ସମେତ ଜିଲ୍ଲାର ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

## ସମାଜସେବୀ ଶିବ ବିଶ୍ୱାଳଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ତରଡ଼ିପାଳ ପଞ୍ଚାୟତ ତରଡ଼ିପାଳ ଗ୍ରାମର ସମାଜସେବୀ ସ୍ୱର୍ଗତ ଭିକାରୀ ଚରଣ ବିଶ୍ୱାଳଙ୍କ ସାନଭାଇ ଶିବଚରଣ ବିଶ୍ୱାଳ (୯୧)ଙ୍କ



ପରଲୋକ ହୋଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀର ଭୁବନେଶ୍ୱରରୁ ଗ୍ରାମକୁ ଅଣାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଶିଳ୍ପଦ୍ୟୋଗୀ ଇଂ ସରୋଜ ବିଶ୍ୱାଳ, ଜଳସେଚନ ବିଭାଗ ପ୍ରାକ୍ତନ ଯନ୍ତ୍ରୀ ଇଂ ଗଗନ ବିଶ୍ୱାଳ, ଶିକ୍ଷାବିତ ଅରୂପାନନ୍ଦ ବିଶ୍ୱାଳ, ସୁଶୀଲ ବିଶ୍ୱାଳ, ଅଜିତ ବିଶ୍ୱାଳ, ସଚ୍ଚିଦାନନ୍ଦ ବିଶ୍ୱାଳ, ଦେବାଶିଷ ବିଶ୍ୱାଳ, ସୁଭାଶିଷ ବିଶ୍ୱାଳ, ଅଜିତ ବିଶ୍ୱାଳ, ରାଜେଶ ବିଶ୍ୱାଳ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ମନୋରଞ୍ଜନ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପ୍ରଫେସର ନିର୍ମଳ ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମାନସ ସାମଲ, ଡଃ ସୁନୀଲ ପ୍ରଧାନ, ଯୁବନେତା ମଣ୍ଟୁ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଯାଜପୁର-ଚାନ୍ଦବାଲି ରେଳ ଲାଇନ୍ ସମ୍ପ୍ରସାରଣରେ ପଟ୍ଟାମୁଣ୍ଡାଇକୁ ସାମିଲ ଦାବି

ପଟ୍ଟାମୁଣ୍ଡାଇ,୨।୬(ସମିସ): ଯାଜପୁରଠାରୁ ଚାନ୍ଦବାଲି ଦେଇ ପ୍ରସିଦ୍ଧ ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିକୁ ରେଳ ଲାଇନ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଫଳରେ ଶିଳ୍ପନଗରୀ ମା' ବିରଜା କ୍ଷେତ୍ର ସହିତ ବାବା ଆଖଣ୍ଡଳମଣିଙ୍କ କ୍ଷେତ୍ର ଆରଡ଼ିର ସଂଯୋଗ ହୋଇ ଉଭୟ ଯାଜପୁର ଓ ଭଦ୍ରକ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇପାରିବ। ଯାଜପୁର ସହିତ ବିଭିନ୍ନ ବାଟରେ ସଂଯୋଗ ହୋଇଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଆର୍ଥିକ ବିକାଶ ଓ ଯାତାୟାତ ସୁବିଧା ପାଇଁ ଏହି ରେଳ ସମ୍ପ୍ରସାରଣ ଯୋଜନାରେ ପଟ୍ଟାମୁଣ୍ଡାଇକୁ ସାମିଲ କରି ଯାଜପୁରରୁ ପଟ୍ଟାମୁଣ୍ଡାଇ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ ରେଳପଥ ସଂଯୋଗ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ଓ ବରିଷ୍ଠ ନେତା ସଞ୍ଜୟ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ଇଣ୍ଡେନ ଗ୍ୟାସ ବିତରକ ପରିବର୍ତ୍ତନ ଦାବି

ରାଜନଗର,୨।୬(ସମିସ): ରାଜନଗର ସଦର ମହକୁମାର ଇଣ୍ଡେନ୍ ଗ୍ୟାସ ବିତରକ ଗୋବିନ୍ଦ ଗୋସ୍ୱାମୀଙ୍କ ଅନିୟମିତତା ଓ ଦାୟିତ୍ୱହୀନତା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକଙ୍କୁ ଗ୍ୟାସ ବିତରଣ ନ କରି ଦୀର୍ଘଦିନ ଧରି ଗ୍ୟାସ ଅଫିସ ବନ୍ଦ ରଖିଛନ୍ତି। ଫଳରେ ଲୋକେ ବହୁ ଦୂରରୁ ଆସି ଗ୍ୟାସ ନ ପାଇ ଫେରୁଛନ୍ତି। ଫୋନ ବନ୍ଦ ରହୁଛି। ରାଜନଗର ସୈନିକ ସଂଘ ଏଭଳି ଦାୟିତ୍ୱହୀନ ବିତରକଙ୍କୁ ତୁରନ୍ତ ହଟାଇ ନୂତନ ବିତରକ ନିଯୁକ୍ତି ଦେବାକୁ ଦାବି କରିଛି।

## ସମାଜସେବୀଙ୍କ ପରଲୋକ

ଡେରାବିଶ, ୨।୬(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ସମାଜସେବୀ ପ୍ରମୋଦ ସ୍ୱାଇଁ (୬୮)ଙ୍କ ଆଜି ସକାଳୁ ପରଲୋକ ହୋଇଛି। ଶ୍ରୀ ସ୍ୱାଇଁ ଆଜି ସକାଳୁ ହଠାତ୍



ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ମେଡିକାଲ୍ ନିଆଯାଉଥିବାବେଳେ ନିଶ୍ଚିନ୍ତକୋଇଲି ନିକଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କୁ ସେଠାରୁ ଘରକୁ ଫେରାଇ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁଅ ଚିତ୍ତରଞ୍ଜନ ମୁଖାଗ୍ନି ଦେଇଥିଲେ। ପ୍ରମୋଦ ରାଜସ୍ୱ ବିଭାଗରେ ଚାକିରି କରି ଅବସର ନେବା ପରେ ଗ୍ରାମର ବିଭିନ୍ନ ଅନୁଷ୍ଠାନରେ ସକ୍ରିୟ ଅଂଶଗ୍ରହଣ କରିଆସୁଥିଲେ। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାନ୍ଦୋଳ ମେଳଣ ସହିତ ଗ୍ରାମର ଆରାଧ୍ୟ ପ୍ରଭୁ ନୃସିଂହନାଥଙ୍କ ବିଭିନ୍ନ ପର୍ବପର୍ବାଣୀ ପାଳିତ ହେଉଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସୌମ୍ୟାପ୍ରିୟଦର୍ଶିନୀ କେନ୍ଦ୍ରାପଡ଼ା କଲେଜ ଉଦ୍ଭିଦ ବିଜ୍ଞାନ ଟପ୍ପର



ଡେରାବିଶ, ୨।୬(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଓରଗଳା ଗ୍ରାମର ବିଜୟ ରାଉତ ଓ ନମିତା ରାଉତଙ୍କ ଝିଅ ସୌମ୍ୟାପ୍ରିୟଦର୍ଶିନୀ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ +୩ ଉଦ୍ଭିଦ ବିଜ୍ଞାନ ବିଭାଗରେ ଟପ୍ପର ହୋଇଛନ୍ତି। ସୌମ୍ୟା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ସମ୍ମାନ ଶ୍ରେଣୀରେ ୮୯% ନମ୍ବର ରଖିଛନ୍ତି। ଭବିଷ୍ୟତରେ ସେ ଶିକ୍ଷୟିତ୍ରୀ ହେବାକୁ ଲକ୍ଷ୍ୟ ରଖିଥିବାବେଳେ ତାଙ୍କର ଏହି ସଫଳତାର ଶ୍ରେୟ ବାପାମାଆ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ଦେଇଛନ୍ତି।

## ଆଦର୍ଶ ପରୀକ୍ଷାରେ ବଜାର ବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

ପଞ୍ଚୁପାଣ୍ଡବ,୨।୬(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ବଜାର ନୋଡାଲ ବିଦ୍ୟାଳୟର ଛାତ୍ର ଆଦର୍ଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବଡ଼ଚଣା ବ୍ଲକ ପଣସୁଧା ଗ୍ରାମର ହେମନ୍ତ ତ୍ରିପାଠୀ ଓ ସୌଭାଗିନୀ ତ୍ରିପାଠୀଙ୍କ ପୁଅ ସତ୍ୟବ୍ରତ ଷଷ୍ଠ ଶ୍ରେଣୀ ପାଇଁ ଆଦର୍ଶ ପରୀକ୍ଷା ଦେଇ ୬୭ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିଲିମା ସାମଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରିବାର ଲୋକ କୃତଜ୍ଞତା ଜଣାଇଛନ୍ତି।

## କାମ କଲେ ଠିକାଦାର, ଯନ୍ତ୍ରୀ ଟଙ୍କା ନେଇ ଛୁ ...

# ୬ ଥର ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ରାଜନଗର,୨।୬(ସମିସ): ରାଜନଗର ବ୍ଲକ ଡାଙ୍ଗମାଳଠାରେ ଥିବା ମିସନ ଶକ୍ତି କାଫେକୁ ବାଉଁଶରେ ତିଆରି କରାଯାଇଛି। ୨୦୨୧ରେ ଏହାର ନିର୍ମାଣ ସରି କାର୍ଯ୍ୟକ୍ଷମ ହୋଇଛି। ଏହାକୁ ନିର୍ମାଣ କରିଥିବା ଠିକାଦାର ଆଜି ଯାଏଁ ଟଙ୍କା ପାଇନାହାନ୍ତି। ଦାୟିତ୍ୱରେ ଥିବା ରାଜନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ବିଲ କରି ଏହି ଅର୍ଥ ଉଠାଇ ନେଇଛନ୍ତି। ୯ ଲକ୍ଷ ଟଙ୍କା ବିଲ୍‌ରୁ ୨ ଲକ୍ଷ ଟଙ୍କା ପିସି ଦାବି କରିଥିଲେ କନିଷ୍ଠ ଯନ୍ତ୍ରୀ। ପିସି ଦେବାକୁ ଠିକାଦାର ରାଜି ନ ହେବାରୁ କନିଷ୍ଠ ଯନ୍ତ୍ରୀ ଏହି ଅର୍ଥ ତାଙ୍କୁ ଦେଉନାହାନ୍ତି ବୋଲି ଠିକାଦାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ୨୦୨୪ ଅକ୍ଟୋବର ୯, ୨୦୨୫ ମେ ୧୩, ୨୦୨୫ ଜୁଲାଇ ୨୮, ୨୦୨୫ ଡିସେମ୍ବର ୨୯ରେ ଆପଣଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲି। କୌଣସି ପଦକ୍ଷେପ ନେଲେ ନାହିଁ। ଆଜି ୬ ଥର ପାଇଁ ଆପଣଙ୍କ

**'ପଦକ୍ଷେପ ନିଅନ୍ତୁ, ନଚେତ୍ ଆତ୍ମହତ୍ୟା କରିବି'**

ନିକଟରେ ଅଭିଯୋଗ କରୁଛି। ପଦକ୍ଷେପ ନିଅନ୍ତୁ ନଚେତ ବାଧହୋଇ ଆତ୍ମହତ୍ୟା କରିବି ବୋଲି ଠିକାଦାର ସନ୍ତୋଷ କୁମାର ମହାନ୍ତି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ମୁତାବକ, ରାଜନଗର ଡାଙ୍ଗମାଳଠାରେ ବାଉଁଶରେ ମିସନ ଶକ୍ତି କାଫେ ନିର୍ମାଣ କରାଯାଇଛି। ଏହି କାମ ନିମନ୍ତେ ସେତେବେଳେ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଥିବା ଅନିରୁଦ୍ଧ ନାୟକ ନାଁରେ କାର୍ଯ୍ୟାଦେଶ କରାଯାଇଥିଲା। ଏହି ବ୍ଲକ ଅନ୍ତର୍ଗତ ବେଲପାଳ ଗ୍ରାମର ଠିକାଦାର ସନ୍ତୋଷ କୁମାର ମହାନ୍ତି ଏହି କାମ କରିଥିଲେ। ଏହି କାମର ବିଲ ୨୦୨୪ ଅଗଷ୍ଟ ପ୍ରଥମ ସପ୍ତାହରେ ହୋଇସାରିଛି। କନିଷ୍ଠ ଯନ୍ତ୍ରୀ ଅନ୍ୟ ବ୍ଲକ୍‌କୁ ବଦଳି ହୋଇସାରିଥିଲେ ମଧ୍ୟ ତାଙ୍କ ଆକାଉଣ୍ଟକୁ ଅଗଷ୍ଟ ମାସରେ ୯ ଲକ୍ଷ ଟଙ୍କା ପେମେଣ୍ଟ ଦିଆଯାଇଛି। ଏହି ଟଙ୍କା କନିଷ୍ଠ ଯନ୍ତ୍ରୀଙ୍କ ଆକାଉଣ୍ଟକୁ ଯିବା ପରେ କନିଷ୍ଠ ଯନ୍ତ୍ରୀ ଏହି ଟଙ୍କା ଦେଉନାହାନ୍ତି। କନିଷ୍ଠ ଯନ୍ତ୍ରୀ ପିସି ବାବଦକୁ ୨ ଲକ୍ଷ ଟଙ୍କା ଦାବି କରୁଛନ୍ତି। ମୁଁ କାମ କରିଛି, ପିସି କାହିଁକି ଦେବି ବୋଲି କହିବାରୁ କନିଷ୍ଠ ଯନ୍ତ୍ରୀ ଶ୍ର ।ନୟକ ଟଙ୍କା ଦେଉନାହାନ୍ତି ବୋଲି ଠିକାଦାର ଶ୍ରୀ ମହାନ୍ତି କେନ୍ଦ୍ରପଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## ● ଗଛରୁ ହାତବନ୍ଧା ଅବସ୍ଥାରେ ମୃତଦେହ ଉଦ୍ଧାର

# ହତ୍ୟା ନା ଆତ୍ମହତ୍ୟା; ରହସ୍ୟ ଘେରରେ ଯୁବକଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୨।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଜଳା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗ୍ରାମ ନିକଟରେ ଥିବା ଏକ ଗଛରୁ ହାତବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ଘଟଣାଟି ହତ୍ୟା ନା ଆତ୍ମହତ୍ୟା, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ମୃତ ଯୁବକ କଜଳା ଗ୍ରାମର ବିକାଶ ମହାନ୍ତି। ସେ ପେଶାରେ ଜଣେ ଡ୍ରାଇଭର ଥିଲେ। ଗଛରେ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ସଦର ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତକଙ୍କ ପତ୍ନୀ ବର୍ଷା ମହାନ୍ତି ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବିକାଶଙ୍କ ସହ କିଛି ଲୋକଙ୍କର ପୂର୍ବରୁ ଶତ୍ରୁତା ଥିଲା। ସେହି ବିବାଦକୁ ନେଇ ପୂର୍ବରୁ ମାରପିଟ ଘଟଣା ମଧ୍ୟ ଘଟିଥିଲା। ଏହାକୁ ନେଇ ଥାନାରେ ମାମଲା ହୋଇଥିବାବେଳେ ବିକାଶ କିଛିଦିନ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ତାଙ୍କୁ ହତ୍ୟା କରିବାକୁ ବିରୋଧୀ ଗୋଷ୍ଠୀ ଯୋଜନା କରୁଥିବା ସେ ସନ୍ଦେହ ପ୍ରକାଶ କରିଛନ୍ତି। ଏହା ଏକ ହତ୍ୟାକାଣ୍ଡ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପିତା ଆଲୋକ ମହାନ୍ତି ତାଙ୍କ ପୁଅ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି। ପରିବାରର ଦୁଇ ସଦସ୍ୟଙ୍କ ଭିନ୍ନ ଭିନ୍ନ ବୟାନ ଘଟଣାକୁ ରହସ୍ୟମୟ କରିଛି। ଏ ନେଇ ସଦର ଥାନାରେ ୧୬/୨୦୨୬ରେ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ସମସ୍ତ ଦିଗକୁ ନଜରରେ ରଖି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।



## ● ବିଦେଶୀ ମଦ ଦୋକାନ ପାଇଁ ଲଟେରି

# ୬୧ ଦୋକାନ ପାଇଁ ୧୦୯୩ ଆବେଦନ

କେନ୍ଦ୍ରାପଡ଼ା, ୨।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ମଦ ଦୋକାନ ଆବଣ୍ଟନକୁ ନେଇ ବ୍ୟବସାୟୀ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଚଳିତ ବର୍ଷ ୬୧ଟି ମଦ ଦୋକାନ ପାଇଁ ହୋଇଥିବା ଲଟେରି ପ୍ରକ୍ରିୟାରେ ମୋଟ ୧୦୯୩ଟି ଆବେଦନ ପଡ଼ିଥିବାବେଳେ ଗୋଟିଏ ଦୋକାନ ପାଇଁ ଶତାଧିକ ଆବେଦନ ଆସିଥିବାରୁ ଏହି ବ୍ୟବସାୟ ପ୍ରତି ଆଗ୍ରହ ସ୍ପଷ୍ଟ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଲଟେରି ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର୍. ଆୟାର କଳାପଟି ବାନ୍ଧି ଲଟେରି ଉଠାଇ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ପ୍ରଥମେ ୧୫ଟି ଦେଶୀ ମଦ ଦୋକାନ ଓ ପରେ ୪୬ଟି ଠିପିବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଲଟେରି ହୋଇଥିଲା। ରାଜନଗର ଅଞ୍ଚଳର ସାନବଡ଼ଗୋପାଳପୁର ବିଦେଶୀ ମଦ କାଉଣ୍ଟର ପାଇଁ ସର୍ବାଧିକ ୧୨୯ଟି ଆବେଦନ ଆସିଥିବା ଜଣାପଡ଼ିଛି। ଲଟେରି ପ୍ରକ୍ରିୟା ସମୟରେ ଅବକାରୀ ବିଭାଗ ପକ୍ଷରୁ ଆବେଦନକାରୀଙ୍କ ନାମ ଓ ସିରିଏଲ୍ ନମ୍ବର ଯାଞ୍ଚ କରାଯିବା ପରେ ପ୍ଲାଷ୍ଟିକ୍ ଡବାରେ ସଂରକ୍ଷିତ ଚିଠି ମାଧ୍ୟମରେ ବିଜେତା ଚୟନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଓ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ଟାଟା ପାୱାର ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

# ଦୁଇଗୁଣା ବିଦ୍ୟୁତ୍ ବିଲ୍ ଗଣିବେ ଗ୍ରାହକ

ରାଜକନିକା,୨।୬(ସମିସ)

ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଏବେ ବିଜୁଳି ବିଲ ଆକାରରେ ଦୁଇଗୁଣ ଅଧିକ ଡଣ୍ଡ ଗଣିବେ ପ୍ରତ୍ୟେକ ଉପଭୋକ୍ତା। ଏପ୍ରିଲ ୧୮ ତାରିଖରୁ ଲାଇନମ୍ୟାନ, ମିଟର ରିଡର ଓ ବିଲ୍ କଲେକ୍ଟର ପଦରେ ଥିବା ଆଉଟସୋର୍ସିଂ କର୍ମଚାରୀ ଆନ୍ଦୋଳନରେ ଥିବାରୁ ପ୍ରତି ମାସର ବିଜୁଳି ବିଲ ଆଦାୟ କରୁଥିବା ଏହି କର୍ମଚାରୀ କାମ କରୁ ନ ଥିବାରୁ ବିଜୁଳି ବିଲରେ ସ୍ଲାବ ବଢ଼ି ଚାଲିଥିବାରୁ ପ୍ରତି ବିଜୁଳି ଗ୍ରାହକ ଦୁଇଗୁଣ ଅର୍ଥ ଭରିବାକୁ ବାଧ ହେବେ।

ଟାଟା ପାୱାର ବିଜୁଳି ଆବଣ୍ଟନ କମ୍ପାନୀ ଅଧୀନରେ ଥିବା ଆଉଟସୋର୍ସିଂ ଲାଇନମ୍ୟାନ, ବିଲ୍ କଲେକ୍ଟର ଓ ମିଟର ରିଡର କର୍ମଚାରୀ ସେମାନଙ୍କ ଚାକିରି ସର୍ତ୍ତାବଳୀର ସୁରକ୍ଷା ପାଇଁ ଆନ୍ଦୋଳନରେ ଥିବାରୁ ଏହି ଆନ୍ଦୋଳନ ସମୟରେ କୌଣସି ବିଲ ରିଡିଙ୍ଗ ହେଉନାହିଁ କି ବିଜୁଳି ବିଲ୍ ବାବଦ ଅର୍ଥ ଆଦାୟ ହେଉନାହିଁ। ଫଳରେ ଏହାର ସିଧା ପ୍ରଭାବ ସାଧାରଣ ଗ୍ରାହକଙ୍କ ଉପରେ ପଡିଛି। ବର୍ତ୍ତମାନର ସ୍ଲାବ ମୁତାବକ ୦ରୁ ୫୦ ୟୁନିଟ ଯାଏ ୨. ୯୦ ପଇସା, ୫୧ରୁ ୧୦୦ ୟୁନିଟ ଯାଏ ୪ ଟଙ୍କା ୭୦ ପଇସା, ୧୦୦ରୁ ୨୦୦ ୟୁନିଟ ଯାଏ ୫ ଟଙ୍କା ୭୦ ପଇସା ଧାର୍ଯ୍ୟ କରାଯାଇଛି। ଯେଉଁ ଗ୍ରାହକ ଗୋଟିଏ ମାସରେ ୫୦ରୁ ୧୦୦ ୟୁନିଟ ଭିତରେ ବିଜୁଳି ବ୍ୟବହାର କରୁଥିଲେ ଏପ୍ରିଲ ୧୮ ତାରିଖଠାରୁ ସେସବୁ ବିଲ ରିଡିଂ ନ ହେବା ଓ ବିଲ୍ ପୈଠ ନ ହେବାରୁ ସେମାନେ ଏବେ ୟୁନିଟ ପିଛା ୩ ଟଙ୍କା ୨୦ ପଇସା ଅଧିକ ଦେବାକୁ ବାଧ ହେବେ। କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଏବେ ରାଜକନିକା ବ୍ଲକର ହଜାର ହଜାର ଉପଭୋକ୍ତା ଦୁଇଗୁଣରୁ ଅଧିକ ଅର୍ଥ ବିଜୁଳି ବିଲ ଆକାରରେ ଦେଇ ଶୋଷଣ ହେବାକୁ ବାଧ ହେବେ। ଏଭଳି ଏକ ସିଧାସଳଖ ଶୋଷଣ ସମ୍ପର୍କରେ ଖାଉଟିଙ୍କ କୌଣସି ଜ୍ଞାନ ନ ଥିବାରୁ ପ୍ରତି ଖାଉଟି ଏହି ଶୋଷଣରେ ପେଷି ହେବାକୁ ଯାଉଛନ୍ତି। ପ୍ରତି ମାସରେ ବିଲ୍ ଆଦାୟ କରିବା ଟାଟା ପାୱାରର କାମ ହୋଇଥିବାବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ସାଧାରଣ ଗ୍ରାହକ ଏମିତି ଶୋଷିତ ହେଉଛନ୍ତି। ଏ ଶୋଷଣ ସମ୍ପର୍କରେ ସମ୍ପୃକ୍ତ କମର୍ସିଆଲ ଯନ୍ତ୍ରୀ ରଶ୍ମିରଞ୍ଜନ ପାଇକରାୟଙ୍କୁ ପଚାରିବାରୁ ଏହା କେବଳ ଆମ ସମସ୍ୟା ନୁହେଁ, ତମାମ ରାଜ୍ୟର ସମସ୍ୟା କହି ଶୋଷଣକୁ ସ୍ୱୀକାର କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ବିଜୁକି ଆବଣ୍ଟନ କମ୍ପାନୀର ଅପାରଗତା ଓ ସିଧାସଳଖ କର୍ମଚାରୀ ନ ରଖି ଆଉଟସୋର୍ସିଂ କର୍ମଚାରୀ ରଖି ଅଳ୍ପ ବେତନରେ କାମ ହାସଲ କରି ଅଧିକ ମୁନଫା ଗୋଟାଉଥିବାବେଳେ ଟାଟାର ଶୋଷଣ ଗ୍ରାହକଙ୍କୁ ଉତ୍ତେଜିତ କରି ବିଦ୍ରୋହୀ କରାଇଛି। କର୍ମଚାରୀ ନିଯୁକ୍ତି ଖର୍ଚ୍ଚ କାଟ୍ କରି ଗ୍ରାହକଙ୍କୁ ଉତ୍ତମ ବିଜୁଳି ସେବା ଯୋଗାଇବାରେ ଅସଫଳ ହୋଇଥିବା ଟାଟା ପାୱାରର ଏଭଳି ଅର୍ଥ ଶୋଷଣ ରାଜକନିକା ବିଜୁଳି ଗ୍ରାହକଙ୍କୁ ବିଦ୍ରୋହୀ କରାଇଛି। ନିଜ ବ୍ୟବସାୟର ସୁରକ୍ଷା ପାଇଁ ଟାଟା ପାୱାର ବିଜୁଳି ଆବଣ୍ଟନ ପାଇଁ ନିଜ କର୍ମଚାରୀ ନ ରଖି ଆଉଟସୋର୍ସିଂ କର୍ମଚାରୀଙ୍କ ଉପରେ ଭରସା କରି ବିଜୁଳି ସେବା ଯୋଗାଇବା ଆଳରେ କରୁଥିବା ଶୋଷଣ ସାଧାରଣ ଲୋକଙ୍କୁ ଦୁଇଗୁଣା ଶୋଷଣ କରୁଥିବାରୁ ଜିଲ୍ଲାପାଳ ଏ ଦିଗରେ ତଦନ୍ତ କରି ଲୋକଙ୍କୁ ଶୋଷଣରୁ ମୁକ୍ତ କରିବାକୁ ପଦକ୍ଷେପ ନେବା ଜରୁରୀ ହୋଇଛି। ଟାଟା ପାୱାରର ମନମୁଖୀ କାର୍ଯ୍ୟ ବିରୋଧରେ ଶକ୍ତିମନ୍ତ୍ରୀ ଓ ସଚିବ ଶୋଷଣ ରୋକିବାକୁ ସାଧାରଣରେ ଦାବି ହେଉଛି।

# ଇଂରାଜୀ ବହିରେ ତ୍ରୁଟିପୂର୍ଣ୍ଣ ଓଡ଼ିଆ ଗୀତକୁ ନେଇ ଶିକ୍ଷାବିତ୍‌ଙ୍କ ଉଦ୍‌ବେଗ



ଭୁବନ, ୨।୬ (ସମିସ) : ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକଙ୍କ ଦ୍ୱାରା ବିନା ମୂଲ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବିତରଣ ହେଉଥିବା ପଞ୍ଚମ ଶ୍ରେଣୀ ଇଂରାଜୀ ପାଠ୍ୟପୁସ୍ତକର ପୃଷ୍ଠା ୧୩୩ରେ ମୁଦ୍ରଣର ଅବସ୍ଥା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏକ ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କ ଶିକ୍ଷାର ମୂଳ ଆଧାର ହୋଇଥିବା ବେଳେ ଏଭଳି ମୁଦ୍ରଣ ତ୍ରୁଟି କିପରି ଯାଞ୍ଚ ପ୍ରକ୍ରିୟା ଅତିକ୍ରମ କଲା ତାହା ପ୍ରଶ୍ନ ବାଚୀ ହୋଇ ରହିଛି । ପୁସ୍ତକ ଛାପା ପୂର୍ବରୁ ପ୍ରୁଫ୍ ରିଡିଂ ଓ ଗୁଣବତ୍ତା ଯାଞ୍ଚ କରାଯାଇ ନ ଥିଲା କି ବୋଲି ପ୍ରଶ୍ନ ଉଠାଇଛନ୍ତି ପ୍ରକୃତି ବନ୍ଧୁ ତଥା ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ । ଶିକ୍ଷା ବିଭାଗ ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ଦେବାକୁ ସାଧାରଣ ଦାବି ହୋଇଛି । ଓଡ଼ିଆ ରଜ ଗୀତର ଏଭଳି ଭୁଲ ଉପସ୍ଥାପନା କେବଳ ଦୁଃଖଦ ନୁହେଁ, ଏହା ଓଡ଼ିଆ ଅସ୍ମିତା ପ୍ରତି ଅବହେଳାର ଚିତ୍ର ମଧ୍ୟ । ଯେଉଁ ରଜ ପର୍ବ ଆମ ସଂସ୍କୃତି, ପରମ୍ପରା ଓ ମାଟିର ଗୌରବ, ସେହି ଗୀତକୁ ଭୁଲ ଭାବରେ ପ୍ରସ୍ତୁତ କରି ଶିକ୍ଷା ବିଭାଗ କଣ ବାର୍ତ୍ତା ଦେବାକୁ ଚାହୁଁଛି ତାହା ଏବେ ପ୍ରଶ୍ନବାଚୀ । ଯଦି ନିଜ ମାଟିର ଭାଷା ଓ ପରମ୍ପରାକୁ ସଠିକ୍ ଭାବେ ସୁରକ୍ଷା ଦେଇ ପାରିବୁ ନାହିଁ, ତେବେ ଆଗାମୀ ପିଢ଼ି କ'ଣ ଶିଖିବ । ଏହି ତ୍ରୁଟି ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ସଂଶୋଧନ କରିବାକୁ ସରକାରଙ୍କୁ ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ଦାବି କରିଛନ୍ତି ।

ଫାର୍ମ ହାଉସ୍ ପରିସରରେ ହାତୀ ହତ୍ୟା ଘଟଣା

# ଖୋଳତାଡ଼ ବେଳେ ଧରାପଡ଼ିଲା ଗଞ୍ଜେଇ ଚାଷ

- ହାତୀ ହତ୍ୟାରେ ସଂପୃକ୍ତ ୩ଜଣଙ୍କୁ କୋର୍ଟଚାଲାଣ
- ଫରେଷ୍ଟର ନିଲମ୍ବିତ, ରେଞ୍ଜରଙ୍କୁ କାରଣଦର୍ଶାଅ ନୋଟିସ୍

ହିନ୍ଦୋଳ/ଖଜୁରିଆକଟା,୨।୬(ସମିସ)

ହିନ୍ଦୋଳ ବନାଞ୍ଚଳର ଏକ ଫାର୍ମରେ ଆମ୍ବ ପାଇଁ ସେନାଧିକାରୀଙ୍କ ସୈତାନୀ ବୁଦ୍ଧିକୁ ନେଇ ଚର୍ଚ୍ଚା ଲାଗିରହିଥିବାବେଳେ ଏହି ଘଟଣାର ଖୋଳତାଡ଼ବେଳେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ସଦୃଶ ଗତକାଲି ଫାର୍ମ ଭିତରେ ଗଞ୍ଜେଇ ଗଛ ଥିବା ଦେଖି ଗଣମାଧ୍ୟମ ପ୍ରତିନିଧିମାନେ ଖବର ପ୍ରକାଶ କରିଥିଲେ ।

ଖବର ପ୍ରକାଶ ପରେ ଆଜି ଫାର୍ମ ହାଉସ ପରିସରରୁ ୩୦ଟି ଗଞ୍ଜେଇ ଗଛ ପୁଲିସ ଜବତ କରିବା ସହ ହାତୀ ମାରିବା ଘଟଣାରେ ବ୍ୟବହୃତ ବନ୍ଧୁକକୁ ପୁଲିସ ପକ୍ଷରୁ ଜବତ କରିବା ପାଇଁ ତନାଘନା ଜାରି ରହିଛି । କାର୍ଯ୍ୟରେ ଅବହେଳା ଦର୍ଶାଇ ଅନୁଗୋଳ ଆର୍‌ସିସିଏଫ୍ ସଞ୍ଜୟ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଦୀପ୍ତି ରଞ୍ଜନ ଆଚାର୍ଯ୍ୟ ନିଲମ୍ବିତ ହୋଇଥିବା ବେଳେ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେହିପରି ହାତୀକୁ ହତ୍ୟା କରି ମାଟି ତଳେ ପୋତି ଦେବା ଘଟଣାରେ ଆଜି ସଂପୃକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।



ସୂଚନାଯୋଗ୍ୟ ହିନ୍ଦୋଳ ସଦର ମହକୁମା ଚରଣପୁରଠାରେ ଅବସରପ୍ରାପ୍ତ ସେନା ଅଧିକାରୀ କୁବେର ରାଜଙ୍କ ଫାର୍ମ ହାଉସରେ ହାତୀକୁ ମାରି ମାଟି ତଳେ ପୋତି ଦେବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ସେନା ଅଧିକାରୀଙ୍କ ସୈତାନୀ ବୁଦ୍ଧି ପାଇଁ ହାତୀଟିର ପ୍ରାଣ ଯାଇଥିଲା । ଏହି ଘଟଣାରେ ନିଜେ ଆଇନର ଜାଲରେ ଛନ୍ଦି ହୋଇ ଜେଲ ଯାଇଛନ୍ତି ମାଲିକ କୁବେର ରାଜ । ରାଜ୍ୟରେ ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ କିପରି ଜଣେ ସେନାଧିକାରୀ ନିଜ ଫାର୍ମରେ ଗଞ୍ଜେଇ ଚାଷ କରୁଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଫାର୍ମ ହାଉସ ଜମି ମାଲିକ ଚଞ୍ଚକତା କରି କିଛି ଜଳାଶୟ ଆଉ କିଛି ଜଙ୍ଗଲ ଜମିକୁ ନିଜ ଅକ୍ତିଆରରେ ରଖିଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ଯାହାକି ଏବେ ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକତା ରହିଛି ବୋଲି ଜନସାଧାରଣରେ ଅଭିଯୋଗ ହେଉଛି । ଅଭିଯୁକ୍ତ ଫାର୍ମ ହାଉସ ମାଲିକ ଜଣଙ୍କ ଶାସକ ଦଳର ଜଣେ ଦୃଢ଼ ସମର୍ଥକ ହୋଇଥିବା ବେଳେ ନେତାଙ୍କ ଛତ୍ରଛାୟା ତଳେ ରହିଛନ୍ତି । ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ, ଥାନାଧିକାରୀ ମମତା ସାମନ୍ତରାୟ, ପୁଲିସ ଅଧିକାରୀ ଦୁର୍ଯ୍ୟୋଧନ ପ୍ରଧାନ, ସମରେନ୍ଦ୍ର ସାମଲ ତଥା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଦୁର୍ଯ୍ୟୋଧନ ସାହୁଙ୍କ ଉପସ୍ଥିତିରେ ୩୦ଟି ଗଞ୍ଜେଇ ଗଛ ଫାର୍ମ ହାଉସ ଭିତରୁ ଜବତ କରି ଆଉ ଏକ ଅପରାଧିକ ମାମଲା ହିନ୍ଦୋଳ ପୁଲିସ ରୁଜୁ କରିଛି । ଏହି ଘଟଣା ହିନ୍ଦୋଳର ବିଭିନ୍ନ ବଜାର ଘାଟରେ ଏବେ ମୁଖ୍ୟ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ପ୍ରଶାସନ କେଉଁ ପ୍ରକାର ଦୃଢ଼ ପଦକ୍ଷେପ ନେଉଛି ଏତାହା ପ୍ରଶ୍ନ ସୃଷ୍ଟି କରିଛି । ଏହି ଫାର୍ମ ରାଜନେତାଙ୍କ ରାତିର ଆଡ୍ଡାସ୍ଥଳ ହୋଇଥିବାବେଳେ ଏଠାରେ ଗଞ୍ଜେଇ ଚାଷ ମଧ୍ୟ ହେଉଥିବା ଦେଖିବାକୁ ମିଳିଛି । ଏଥିସହ ଚୋରା ବନ୍ଧୁକ ରଖି ଜନ୍ତୁ ଶିକାର କରିବା, ଇତ୍ୟାଦି ବିଭିନ୍ନ ପ୍ରକାରରେ ନେତାଙ୍କୁ ଅପ୍ୟାୟିତ କରାଯାଉଥିବା ଆଲୋଚନା ହୁଏ । ତେବେ ନିଜର ୪/୫ ଏକର ଜାଗାଥିବା ସତ୍ତ୍ୱେ କ୍ଷମତାଶାଳୀ ନେତାଙ୍କୁ ହାତକରି ଆହୁରି ଅନେକ ଏକର ସରକାରୀ ଜମି, ପୋଖରୀ ଜମି ହାତେଇ ଅବାଧରେ ହାତେଇ ବେଆଇନ ଗଞ୍ଜେଇ ଚାଷ କରିବା ହାତୀଶିକାର କରିବା ଭଳି ବେଆଇନ କାର୍ଯ୍ୟ କାହା ଛତ୍ରଛାୟା ତଳେ ଚଳାଇଥିଲେ ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏସବୁର ବିଚାର ବିଭାଗୀୟ ତଦନ୍ତ, ଭିଜିଲାନ୍ସ ତଦନ୍ତ କିମ୍ବା ସିବିଆଇ ତଦନ୍ତ ଦାବି କରିଛନ୍ତି ପଶୁପ୍ରେମୀ, ପରିବେଶବିତ, ବୁଦ୍ଧିଜୀବୀଙ୍କ ସମେତ ହିନ୍ଦୋଳ ଜନସାଧାରଣ ।

# ପୂର୍ବତନ ନଗରପାଳଙ୍କ ଘରୁ ଚୋରି ଘଟଣାରେ ୩ ଗିରଫ

ଢେଙ୍କାନାଳ,୨।୬ (ସମିସ) : ଢେଙ୍କାନାଳ ଟାଉନ ଥାନା ଷ୍ଟେସନ ବଜାରରେ ରହୁଥିବା ପୂର୍ବତନ ନଗରପାଳ ସୁନୀଲ ଶର୍ମାଙ୍କ ବାସ ଭବନରୁ ଚୋରି ଘଟଣାରେ ପୁଲିସ ତିନି ଜଣକୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ମୋବାଇଲ ଫୋନ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଅଭିଯୁକ୍ତ ମାନଙ୍କ ମଧ୍ୟରେ ଦୁଇଜଣ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି । ଗତ ଏପ୍ରିଲ ୧୯ ତାରିଖ ଦିନ ଟାଉନ ଥାନା ଅନ୍ତର୍ଗତ ୨୧ ନମ୍ବର ୱାର୍ଡ ରତନ ବଜାରରେ ରହୁଥିବା ପୂର୍ବତନ ନଗରପାଳ ସୁନୀଲ ଶର୍ମାଙ୍କ ଘରୁ ଚୋରି ହୋଇଥିଲା । ଏହି ଘଟଣାରେ ତାଙ୍କ ପୁଅ ଯଶ ଶର୍ମା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ ୨୭୯/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଘଟଣା ଦିନ ସୁନୀଲ ଶର୍ମା ଏବଂ ତାଙ୍କ ପତ୍ନୀ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ



ଆଲମିରାଭାଙ୍ଗି ନଗଦ ଦଶଲକ୍ଷ ଟଙ୍କା ସହିତ ୩୦ଲକ୍ଷ ଟଙ୍କାର ସୁନା ଗହଣା, ୩ଟି ମୋବାଇଲ ଫୋନ ଚୋରି କରି ନେଇଥିଲେ । ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଧରିଥିବାବେଳେ ଜଣଙ୍କ ଘର କଟକ ଏବଂ ଅନ୍ୟ ଦୁଇଜଣ ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳର ବୋଲି ଜଣାପଡ଼ିଛି । ଏହି ଘଟଣାରେ ପୁଲିସ ଛାନଭିନ କରି କଟକ ଲାଲବାଗ ଥାନା ସିଦ୍ଧେଶ୍ୱର ସାହିର ଏସ୍‌କେ ନାଇମିଙ୍କ ପୁଅ ଶେଶୱାର ଓରଫ ସାଙ୍କି(୩୭), ପଶ୍ଚିମବଙ୍ଗ ପାନସ୍କୁରା ଥାନା କନକପୁରର ଏସକେ ଅନୱର ଅଲ୍ଲୀଙ୍କ ପୁଅ ଏସକେ ସୋହେଲ ଓରଫ ଏସକେ ମିନାଲ(୨୪) ଓ ସେକ ଜଇନାଲିଙ୍କ ପୁଅ ସେକ ମହିମ ଓରଫ ବକି(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ସେମାନଙ୍କ ଠାରୁ ଦୁଇଟି ମୋବାଇଲ ଫୋନ, ଗୋଟିଏ ଏୟାର ବ୍ୟାଗ, ମାସ୍କ, ଟୋପି ଜବତ କରାଯାଇଛି । ଦୀର୍ଘ ଦେଢ଼ମାସ ପରେ ପୁଲିସ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛି । ଘଟଣା ସମ୍ପର୍କରେ ପୁଲିସ ଏକ ସାମ୍ବାଦିକ ସମ୍ମିଳନୀ କରି ସବିଶେଷ ତଥ୍ୟ ପ୍ରଦାନ କରିଛି ।

# ଦେଶୀ ମଦ ଜବତ; ୨ ଗିରଫ

ଭୁବନ,୨।୬ (ସମିସ) : ଢେଙ୍କାନାଳ ଜିଲ୍ଲା ଭୁବନ ପୁଲିସ ୩୦ ଲିଟର ଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ସ୍ଥାନୀୟ ବାଜିରାଉତ ସେତୁ ଉପରୁ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗୋଟିଏ ବାଇକ୍‌କୁ ମଧ୍ୟ ଜବତ କରିଛି ଅବକାରୀ ବିଭାଗ । ଗନ୍ଦିଆ ବ୍ଲକ ଦେହୁରୀ ସାହି ବାସିନ୍ଦା ସୁନନ୍ଦୀ ସାହାଣି ଓ ନୂଆ ସାହିର ଅନାଦି ବାରିକ ନିଜ ବାଇକ ନମ୍ବର ଓଡି ୦୫-ବି୭-୮୯୨୬ ରେ ଦେଶୀ ରନ୍ଧା ମଦ ଭୁବନରୁ ନେଇଯିବା ସମୟରେ ବାଜିରାଉତ ସେତୁ ଉପରେ ପୁଲିସ ଧରିଥିଲା ।

# ପାଣି ପାଇଁ ରାସ୍ତା ଅବରୋଧ କଲେ ମହିଳା

ପରଜଙ୍ଗ,୨।୬(ସମିସ): ପାଣି ପାଇଁ ଗରା ବାଲଟି ଧରି ରାଜରାସ୍ତା ଅବରୋଧ କଲେ ଗ୍ରାମର ଶତାଧିକ ମହିଳା । ପରଜଙ୍ଗ ବ୍ଲକ୍ କୁମୁସି ଗ୍ରାମ ତଅଁଳା ସାହିରେ ଦୀର୍ଘଦିନ ହେବ ପାଣି ସମସ୍ୟା ଲାଗି ରହିଥିଲା । ସାହି ବାସିନ୍ଦାମାନେ ସ୍ଥାନୀୟ ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିଲା । ଫଳରେ ମହିଳାମାନେ ସାହିରେ ପାଣି ଅଭାବକୁ ନେଇ



ମଙ୍ଗଳବାର ସକାଳୁ ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତବିଭାଗ ରାସ୍ତାର କୁମୁସି ଛକଠାରେ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ୨ ଘଣ୍ଟା ରାସ୍ତା ଅବରୋଧ ପରେ କୁମୁସି ସରପଞ୍ଚ ବଳରାମ ନାଏକ, ସାଆନ୍ଦା ଫାଣ୍ଡି ଅଧିକାରୀ ଓ ପାନୀୟ ଜଳ ଯୋଗାଣ ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝା ସୁଝା କରିଥିଲେ । ସାହିରେ ନୂତନ ଭାବେ ଏକ ନଳକୂପ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଉପରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ପରଜଙ୍ଗ,୨।୬(ସମିସ): ପରଜଙ୍ଗ ଥାନା ସାଆନ୍ଦ ଫାଣ୍ଡି ଅନ୍ତର୍ଗତ ତୁଳସୀପଶି ଗ୍ରାମ ପାଖ ଜଙ୍ଗଲରୁ ମଙ୍ଗଳବାର ଗଳିତ ଶବ ଉଦ୍ଧାର କରିଛି ପୁଲିସ । ଉକ୍ତ ଗଳିତ ଶବଟି ଉକ୍ତ ଗ୍ରାମର କୈଳାସ ନାଏକଙ୍କ ଧର୍ମପତ୍ନୀ ପଞ୍ଚାଳି ନାଏକଙ୍କ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା । ସୂଚନା ମୁତାବକ ପାଞ୍ଚ ଦିନ ତଳେ ପଞ୍ଚାଳି ଘରକରଣା ସାମଗ୍ରୀ



ପାଇଁ ଦୋକାନକୁ ଆସି ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ତେବେ ଗ୍ରାମର କିଛି ଲୋକ ଜଙ୍ଗଲରେ ଏକ ଗଳିତ ଶବ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଏବଂ ସୂଚନା ପାଇ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ, ଫାଣ୍ଡି ଅଧିକାରୀଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି ।

# କ୍ଷେତ ବଞ୍ଚାଅ ଅଭିଯାନ ଉପରେ କୃଷକ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ, ୨।୬ (ସମିସ) : ଓଡ଼ାପଡ଼ା ବ୍ଲକ୍ ସଦାଶିବପୁର ପଞ୍ଚାୟତର ବଉଳପୁର ଗ୍ରାମରେ ଏକ କ୍ଷେତ ବଞ୍ଚାଅ ଅଭିଯାନ ଉପରେ କୃଷକ ପ୍ରଶିକ୍ଷଣ ଶିବିର କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀମାନେ ପ୍ରଶିକ୍ଷଣ ନେଇଥିଲେ । ଗବେଷଣା ଅନୁଷ୍ଠାନ ତରଫରୁ ଡଃ ସୁଶାନ୍ତ କୁମାର ଦାଶ, ଡଃ ସୁଶାନ୍ତ କୁମାର ନାୟକ, ଡଃ ସୁଧାମୟ ମଣ୍ଡଳ ପ୍ରଧାନ ବୈଜ୍ଞାନିକଗଣ ସନ୍ତୁଳିତ ତଥା ଜୈବସାର ବ୍ୟବହାର କରି ଜଳବାୟୁ ପରିବର୍ତ୍ତନ ସହନଶୀଳ କିସମର ଧାନଚାଷ ଗୁଡ଼ିକ ଉପରେ ଆଲୋକପାତ



କରିଥିଲେ । ଡଃ ନାୟକ ସିଆର୍‌ଆର୍‌ଆଇ ଉଦ୍ଭାବିତ ଏଣ୍ଡୋ ଏନ୍ ଓ ଏଣ୍ଡୋ ଏନ୍.ପି.କେ ର ବ୍ୟବହାର ଉପରେ ବିସ୍ତୃତ ଭାବରେ ବୁଝାଇ କହିଲେ, ଯେଉଁଥିରେ ପ୍ରାୟ ୨୫% ଯବକ୍ଷାରଯାନ ଓ ଫସ୍‌ଫରସ୍ ତଥା ପଟାସ୍‌ର ବ୍ୟବହାର କମ୍ କରାଯାଇପାରିବ ।

ସେହିଭଳି ଧଣିଚା, ଜିଆଖତ, ଆଜୋଲା ଓ ନିଳହରିତ ଶୈବାଳ କିଭଳି ଭାବରେ ୨୫% ରାସାୟନିକ ଯବକ୍ଷାରଯାନର ହ୍ରାସ କରାଯାଇପାରିବ, ତା ଉପରେ ମଧ୍ୟ ଆଲୋଚନା କଲେ । ଏତତ୍ ବ୍ୟତୀତ ଡଃ ସୁଧାମୟ ମଣ୍ଡଳ ଧାନର ରୋଗ ଓ ପୋକର ନିରାକରଣ ବିଷୟରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଜୀବାଣୁ କଲ୍‌ଚର "ଟ୍ରାଇକୋଡରମା' କିଭଳି ଭାବରେ ଧାନ ଫସଲରେ ଅଧିକା ପିଲ୍ ଦିଏ ଓ ଅଧିକା ପତ୍ର ହୁଏ ଏବଂ ତାହା ଯୋଗୁ ଅଧିକା ଅମଳ ହେବା ସଙ୍ଗେ ସଙ୍ଗେ ରୋଗ ଓ ପୋକ ଠାରୁ ସୁରକ୍ଷା ପ୍ରଦାନ କରେ, ସେ ବିଷୟରେ ବୁଝାଇ କହିଲେ । ଡଃ ସୁଶାନ୍ତ ଦାଶ ଚାଷୀମାନଙ୍କୁ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧ ବିହନ କେତେ ପରିମାଣର ବଢ଼ି ଓ ମରୁଡି ସହନ କରିପାରିବ ତଥା ଏ ସମସ୍ତ ଜିନିଷ କେଉଁଠାରେ ଉପଲବ୍ଧ ହେବ ତାହା ଚାଷୀମାନଙ୍କୁ ବୁଝାଇ କହିଲେ । ଏ ଅଞ୍ଚଳର ଅଗ୍ରଣୀ ଚାଷୀ ପ୍ରହଲ୍ଲାଦ ସାହୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ପ୍ରକୃତ ଭାବରେ ଏସବୁ ଜମିରେ କିଭଳି ଭାବରେ ପ୍ରୟୋଗ କରାଯାଏ ତାହା ନିଜସ୍ୱ ଅନୁଭୂତିରୁ ବୁଝାଇବା ସହ ଚାଷୀମାନଙ୍କୁ ଉତ୍ସାହିତ କଲେ । ଏଥିରେ ମା' ଦଶଭୁଜା ଲାଫେଡ୍ ଏଫ୍‌ପିସିଏଲ୍ କୃଷକ ଉତ୍ପାଦନ ସଂଘ ଚାଷୀମାନଙ୍କୁ ଏକାଠି କରିବାରେ ସହାୟକ ହୋଇ ଏ ବିଷୟରେ ଆଗାମୀ ଦିନରେ ଚାଷୀମାନଙ୍କୁ ଜ୍ଞାନକୌଶଳ ଯୋଗାଇଦେବା ପାଇଁ ମଧ୍ୟସ୍ଥତାର ଆଶ୍ୱସନା ଦେଉଥିଲେ । ସୁଶ୍ରୀ ଟିକିନା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ରାହାସ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତୀ ଆକ୍ରମଣରେ ରାତ୍ରି ଜଗୁଆଳିଙ୍କ ମୃତ୍ୟୁ

ପରଜଙ୍ଗ,୨।୬(ସମିସ) : ପରଜଙ୍ଗ ଥାନା ଡମୋଳ ଗ୍ରାମରେ ସୋମବାର ରାତିରେ ହାତୀ ଆକ୍ରମଣରେ ଜଗୁଆଳୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ଉକ୍ତ ଗ୍ରାମର ଅନି ବେହେରା(୫୧) ବୋଲି ଜଣାପଡ଼ିଛି । ମୃତକ ଅନି ତାଙ୍କ ଗ୍ରାମରେ ଥିବା ଏକ ଫାର୍ମ ହାଉସରେ ରାତ୍ର ଜଗୁଆଳି ଭାବେ ଦୀର୍ଘ ଦିନ ହେବ କାର୍ଯ୍ୟ କରିଆସୁଥିବା ବେଳେ ପ୍ରତ୍ୟେକ ଦିନ ପରି ସୋମବାର କାର୍ଯ୍ୟକୁ ଯାଉଥିବା ସମୟରେ ଫାର୍ମ ନିକଟରେ ହାତୀ ସହିତ ମୁହାଁମୁହିଁ ହେବା ଫଳରେ ହାତୀ ତାଙ୍କୁ ଦଳି ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଫାର୍ମ ମାଲିକ, ପରିବାର ଲୋକେ ଗ୍ରାମ ଲୋକ ଘଟଣାସ୍ଥଳରେ ପହଞ୍ଚି ଥିଲେ । କିଛି ସମୟ ପରେ ବନବିଭାଗ ଓ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ସହିତ ଜଣଙ୍କୁ ନିଯୁକ୍ତି ଓ ଚତୁଃପାର୍ଶ୍ୱରେ ସୋଲାର ସୁରକ୍ଷା ବାଡ଼ା ପାଇଁ ସରପଞ୍ଚ ସୁନିଲ୍ କୁମାର୍ ଧଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁଙ୍କ ନିକଟରେ ଦାବି କରିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ପହଞ୍ଚି ସମବେଦନା ଜଣାଇବା ସହ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ୯ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଢେଙ୍କାନାଳ,୨।୬ (ସମିସ) : ସଦର ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ୯ଜଣ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଆର୍‌ସିସି ଦେବବ୍ରତ ନାଥ, ପର୍ବତିଆ ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ଦାସ, ଅରବିନ୍ଦ ଉପ୍ରା ବିଦ୍ୟାଳୟ, ବାରଦାର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ବେହେରା, କଙ୍କଡାହାଡ ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାରତୀ ଜେନା, ମାଣିପୁର ଶବରସାହି ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାରତୀ ଦେଇ, ତେନ୍ତୁଳିପାଟଣା ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିତ୍ରା ସାହୁ, କାଇମାଟି ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ଯଦୁମଣି ସେଠୀ, ଶଙ୍ଖୁଆ ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ଶ୍ରୀନିବାସ ସ୍ୱାଇଁ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ପିଅନ ବିରଞ୍ଚି ନାରାୟଣ ଦେହୁରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ସଦର ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏକ ସମ୍ବର୍ଦ୍ଧନା ସଭା ସୋମବାର କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରିଥିଲେ । ଏବିଇଓ ଶତ୍ରୁଘ୍ନ ପଣ୍ଡା, ଭଗବାନ ବେହେରା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୈରାଗୀ ସେଠୀ, ସଂପାଦକ ଶତ୍ରୁଘ୍ନ ମଲ୍ଲିକ, ଉପଦେଷ୍ଟା ପ୍ରଶାନ୍ତ ପଣ୍ଡା, ନିରାକର ବେହେରା, ସାଙ୍ଗଠନିକ ସଂପାଦକ ବିଷ୍ଣୁ ମଲ୍ଲିକ, ସିଆର୍‌ସିସି ବିକାଶ ଜେନା, ରାଜେନ୍ଦ୍ର ନାୟକ, ସେକ୍‌ସନ୍ ଅଫିସର ବବିତା ଦାସ, ଶିକ୍ଷକ ଚିତରଞ୍ଜନ ମହାନ୍ତି, କାଳନ୍ଦୀ ଦେବତା, ନାରାୟଣ ନାୟକ ପ୍ରମୁଖ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବିଦାୟୀ କର୍ମଚାରୀଙ୍କର କର୍ମମୟ ଜୀବନ, ଗୁଣାବଳୀ ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ତତ୍‌ସହିତ ସେମାନଙ୍କର ସୁସ୍ଥ ଓ ନିରାମୟ ଅବସର ଜୀବନ କାମନା କରିଥିଲେ । ବିଦାୟୀ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଅକ୍ଷୟ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ମେଧାବୀଙ୍କୁ ସମ୍ବର୍ଦ୍ଧିତ କଲେ ଅଧ୍ୟାପକ

ଭୁବନ,୨।୬(ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ତୃପ୍ତି ପାଠାଗାର ପରିସରରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତୀ ବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଣିତ ବିଭାଗ ତଥା ଭୁବନ ବାସିନ୍ଦା ଅଧ୍ୟାପକ ମନୋରଞ୍ଜନ ସାହୁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଓ ଏ ଏସ ସତ୍ୟଜିତ ସାହୁ ଡ଼କ୍ଟର ଶୁଭମ ଶ୍ରୀ କୁମାର ସାଥୁଆ ମହାପାତ୍ର ଯୁକ୍ତ ୨ ବିଜ୍ଞାନ କୃତି ବିଦ୍ୟାର୍ଥୀ ଶ୍ରଦ୍ଧାଞ୍ଜଳି ସାଥୁଆ ମହାପାତ୍ର, ଧରିତ୍ରୀ ସାଥୁଆ ମହାପାତ୍ର, ଲକ୍ଷ୍ମୀପ୍ରିୟା ପାତ୍ର, ସତ୍ୟବ୍ରତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ହରିପୁର ସ୍ଥିତ ଭାରତୀ ବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାବିଭାଗରେ ଟପ୍ପର ଶୁଭଲକ୍ଷ୍ମୀ ରାଉତ ବିଜ୍ଞାନ ଟପ୍ପର ଅର୍ପିତା ବାରିକଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଛି । ଲକ୍ଷ୍ମଣ କୁମାର ଦାସ, ଅମ୍ବୁଜ ସାହୁ, ରତିକାନ୍ତ ସାହୁ ସକ୍ରିୟ ସହଯୋଗ କରିଥିଲେ ।



# ୭ ବର୍ଷ ପରେ ବି ଶେଷ ହେଉନି ୭ କୋଟିର ପ୍ରକଳ୍ପ

## ବନ୍ୟା ନିୟନ୍ତ୍ରଣ ହେଲାନି, ବିକଳ୍ପ ରାସ୍ତା ଯୋଜନା ବି ସ୍ୱପ୍ନରେ ରହିଲା

ଭୁବନ,୨।୬ (ସମିସ)

ବ୍ରାହ୍ମଣୀ ନଦୀ ବନ୍ୟା ଦାଉରୁ ଭୁବନ ଏନ୍‌ଏସି ଅଞ୍ଚଳକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରାୟ ୭ କୋଟି ଟଙ୍କାର ନଦୀବନ୍ଧ ଓ ସାଇଫନ ପ୍ରକଳ୍ପ ୭ ବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଫଳରେ ଜନସାଧାରଣଙ୍କ ସୁରକ୍ଷା ଓ ଜଳ ନିଷ୍କାସନ ପାଇଁ ନିର୍ମିତ ଏହି ପ୍ରକଳ୍ପ ଆଜିଯାଏ ଉଦ୍ଦେଶ୍ୟ ପୂରଣ କରିପାରୁନାହିଁ । ୨୯ ଜାନୁଆରୀ ୨୦୧୯ ରେ ପୂର୍ବତନ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଚଣ୍ଡୀପାଳଠାରୁ ମହୁଲପାଳ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ନଦୀବନ୍ଧ ନିର୍ମାଣ ହେବାକୁ ଥିଲେ ମଧ୍ୟ କାର୍ଯ୍ୟ ଏପର୍ଯ୍ୟନ୍ତ ଅଧାରେ ଅଟକି ରହିଛି । ମହୁଲପାଳ ତ ଦୂରର କଥା, ବନ୍ଧ ଭୁବନ ପୁରୁଷୋତମପୁର ଅଞ୍ଚଳ ମଧ୍ୟ ଅତିକ୍ରମ କରିପାରିନାହିଁ । ଏହି ବନ୍ଧ ରାସ୍ତା ମାଧ୍ୟମରେ ବାଜି ରାଉତ ସେତୁରୁ ଚଣ୍ଡୀପାଳ ସେତୁ ପର୍ଯ୍ୟନ୍ତ ଏକ ବିକଳ୍ପ ସଡ଼କ ସଂଯୋଗ ସୃଷ୍ଟି କରିବାକୁ ସରକାରଙ୍କ ଯୋଜନା ଥିଲା । ଏହା ସମ୍ପୂର୍ଣ୍ଣ ହୋଇଥିଲେ ଭୁବନ ବଜାରର ଟ୍ରାଫିକ ଚାପ ହ୍ରାସ ପାଇବା ସହ ଯାତାୟାତରେ ସୁବିଧା ହୋଇଥାନ୍ତା । କିନ୍ତୁ ନିର୍ମାଣ କାର୍ଯ୍ୟରେ ଦୀର୍ଘ ବିଳମ୍ବ ଯୋଗୁଁ ଏହି ଯୋଜନା କାଗଜପତ୍ରରେ ସୀମିତ ହୋଇ ରହିଯାଇଛି । ପ୍ରକଳ୍ପର ଅଂଶ ଭାବେ ଗାଁର ଜଳକୁ ନଦୀକୁ ନିଷ୍କାସନ ଏବଂ ବନ୍ୟା ସମୟରେ ନଦୀ ଜଳକୁ ନିୟନ୍ତ୍ରଣ ପାଇଁ ସାଇଫନ ନିର୍ମାଣ କରାଯାଇଥିଲା । ହେଲେ ନିର୍ମାଣ ସମୟରେ ଠିକାଦାର



ତିଆରି କରିଥିବା ଅସ୍ଥାୟୀ ମାଟିବନ୍ଧ ଦୁଇ ବର୍ଷ ପରେ ମଧ୍ୟ ହଟାଯାଇନାହିଁ । ପ୍ରାୟ ୨୫ ଫୁଟ ଉଚ୍ଚତାର ଏହି ମାଟିବନ୍ଧ ଦୁଇ ପାର୍ଶ୍ୱରୁ ଧସିପଡ଼ିଥିବା ବେଳେ ସୁରକ୍ଷା ପାଇଁ ଘାସ ବିଛାଯିବା କଥା ଥିଲେ ମଧ୍ୟ ତାହା କରାଯାଇନାହିଁ । ଅନ୍ୟପକ୍ଷରେ, ବନ୍ୟା ଜଳ ନିୟନ୍ତ୍ରଣ ପାଇଁ ସାଇଫନରେ ତିନୋଟି ଲୁହା କବାଟ ଲଗାଯିବାର ବ୍ୟବସ୍ଥା ଥିଲା । କିନ୍ତୁ ଆଜିଯାଏ ସେଗୁଡ଼ିକ ଲଗାଯାଇନାହିଁ । ଫଳରେ ଗାଁର ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ଭୁବନ ବୃଦ୍ଧେଶ୍ୱର ପଟରେ ଜଳ ଜମି ରହୁଛି । ଏଥିସହ ପୂର୍ବରୁ ଥିବା ଜଳଭଣ୍ଡାର ଧୀରେ ଧୀରେ ପୋତି ହୋଇଯାଉଥିବାରୁ ଚାଷୀମାନେ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସାଇଫନ ଉପରେ ପାଦରେ ଚାଲି ଯିବା ମଧ୍ୟ ବିପଦଜନକ ହୋଇପଡ଼ିଛି । ଯେଉଁ ରାସ୍ତାରେ ଛୋଟ ଚାରିଚକିଆ ଯାନ ଚଳାଚଳର ଯୋଜନା ଥିଲା ସେଠାରେ ଆଜି ସୁରକ୍ଷା ନେଇ ପ୍ରଶ୍ନ ଉଠିଛି । ଅନୁଗୁଳ ଜଳ ବିଭାଜନ କାର୍ଯ୍ୟାଳୟ ଅଧୀନରେ ଥିବା ଏହି ପ୍ରକଳ୍ପର କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ଏବଂ ଲୋକମାନେ କେବେ ଏହାର ସୁଫଳ ପାଇବେ । ସେନେଇ ଭୁବନ କୃଷକ ସମାଜର ସଭାପତି ବାସୁଦେବ ଗୁରୁ ଜିଲ୍ଲା ପ୍ରଶାସନଙ୍କୁ ପ୍ରଶ୍ନ କରିଛନ୍ତି । ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ଶୀଘ୍ର ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି ।

